# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସୁଶାନ୍ତ

## ୨୫୪୩ ଦିଆସିଲି କାଠିରେ ଜଣାଇଥିଲେ ଅଲିମ୍ପିକ୍ସ ଶୁଭେଚ୍ଛା

ବନ୍ତଳା,୨୮।୧୧(ଡି.ଏନ.ଏ.)

ଟୋକିଓ ଅଲିମ୍ପିକ୍ସ-୨୦୨୦ରେ ଅଂଶଗ୍ରହଣ କରିଥିବା ଭାରତୀୟ ଖେଳାଳିଙ୍କୁ ନିଆରା ଢଙ୍ଗରେ ଶୁଭେଚ୍ଛା ଜଣାଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି ଅନୁଗୋଳ ଜିଲାର ଯୁବ ଶିଳ୍ପୀ ତଥା ସଂକଳ୍ପ ସୋସିଆଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ସଭାପତି ସୁଶାନ୍ତ କୁମାର ଦାସ। ଭାରତ ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା 'ଚିୟର ଇଣ୍ଡିଆ' ସ୍ଲୋଗାନରେ ସାମିଲ ହେବାକୁ ସୁଶାନ୍ତ ଗତ ଜୁଲାଇ ୨୨ ତାରିଖରେ ଦୀର୍ଘ ୩୪ ଘଣ୍ଟା ପରିଶ୍ରମ କରି ୨୫୪୩ ଦିଆସିଲି କାଠି ସହାୟତାରେ ଅଲିମ୍ପିକ୍ସ ରିଙ୍ଗ ପ୍ରସ୍ତୁତ କରିଥିଲେ। ଏହି ରିଙ୍ଗରେ ସେ ୫ଟି ମହାଦେଶକୁ ସ୍ଥାନିତ କରିବା ସହ ଭାରତ କିପରି ସର୍ବଶ୍ରେଷ୍ଠ ସ୍ଥାନ ବଜାୟ ରଖିବ ସେଥିପାଇଁ ଶୁଭକାମନା ଜଣାଇଥିଲେ। ଏହି କଳାକୃତିକୁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନିତ କରିବା ପାଇଁ ସେପ୍ଟେମ୍ବର ୨ରେ ଆବେଦନ କରିଥିଲେ। ସେହିମାସ ୯ରେ ଏହା ଗ୍ରହଣୀୟ ହେବା ପରେ ୧୩ ତାରିଖରେ ସୁଶାନ୍ତଙ୍କ ଆଧାରକାର୍ଡ ଓ ଫଟୋ କପି ମଗାଯାଇଥିଲା। ନଭେମ୍ବର ୨୬ରେ ସୁଶାନ୍ତଙ୍କ ନିକଟରେ କୋରିୟର ପହଞ୍ଚିବା ପରେ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ସୁଶାନ୍ତ କହିଛନ୍ତି, ଦିଆସିଲି କାଠିରେ ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ କୌଶଳ ଇଣ୍ଟରନେଟ୍‌ରେ ଦେଖିବା ପରେ ଅଲିମ୍ପିକ୍ସରେ ଭାରତୀୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଏପରି ନିଆରା ପ୍ରୟାସ ନିମନ୍ତେ ନିଷ୍ପତ୍ତି ନେଇଥିଲେ। ନୀପୁ ଭୂତିଆ ଓ ମନୋଜ ବେହେରା ଏଥିପାଇଁ ତାଙ୍କୁ ପ୍ରେରଣା ଦେଇଥିଲେ। ତାଙ୍କର ଏହି କଳାକୃତିକୁ ପରିବାରବର୍ଗଙ୍କ ସହ ଜିଲା ନେହେରୁ ଯୁବକେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର, ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରଶଂସା କରିଛନ୍ତି। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇବା ପରେ ଏବେ ଚାରିଆଡୁ ତାଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତା ଆସୁଥିବା ସୁଶାନ୍ତ ପ୍ରକାଶ କରିଛନ୍ତି।



ସୁଶାନ୍ତଙ୍କ ଦ୍ୱାରା ଦିଆସିଲି କାଠିରେ ନିର୍ମିତ 'ଚିୟର ଇଣ୍ଡିଆ'

# ତାଳଚେର-ବିମଳାଗଡ଼ ରେଳ ଟନେଲ୍ କାମ ତ୍ୱରାନ୍ୱିତ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ରାଜ୍ୟବାସୀଙ୍କ ୫ ଦଶନ୍ଧିର ଦାବିକୁ ପୂରଣ କରିବା ତଥା ବହୁ ପ୍ରତୀକ୍ଷିତ ତାଳଚେର-ବିମଳାଗଡ଼ ରେଳ ପ୍ରକଳ୍ପ କାମ ତ୍ୱରାନ୍ୱିତ ହୋଇଛି। ବିଶେଷକରି ଓଡ଼ିଶାରେ ଚାଲୁ ରହିଥିବା ଅନ୍ୟ ସମସ୍ତ ରେଳ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସମାପ୍ତି ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟ ଚାଲିଛି। ଏଥିପାଇଁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଟୁଇଟ୍ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ବହୁ ପ୍ରତୀକ୍ଷିତ ତାଳଚେର-ବିମଳାଗଡ଼ ରେଳ ପ୍ରକଳ୍ପ ସୁନାଖଣି ଓ ସମଲ ଷ୍ଟେଶନ ମଧ୍ୟରେ ଥିବା ବାରୁଆଁ ପାହାଡ଼ର ୮୪୦ ମିଟର ଲମ୍ବ ସୁଡ଼ଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧,୯୨୮ କୋଟି ଖର୍ଚ୍ଚରେ ୧୪୯.୭୮ କି.ମି. ଏହି ରେଳ ଲାଇନ ପ୍ରକଳ୍ପ ଓଡ଼ିଶାର ଖଣି ଅଞ୍ଚଳରେ ରେଳ ସଂଯୋଗୀକରଣକୁ ସୁଦୃଢ଼ କରିବ। ଏହା ଦ୍ୱାରା ରାଉରକେଲା ଓ ତାଳଚେର ମଧ୍ୟରେ ଦୂରତା ହ୍ରାସ ହେବାସହ ତାଳଚେର ଓ ରାଜ୍ୟର ଅର୍ଥନୀତିକୁ ଗତିଶୀଳ କରିବ ବୋଲି ଧର୍ମେନ୍ଦ୍ର ଟୁଇଟ ମାଧ୍ୟମରେ ଜଣାଇଛନ୍ତି। ସେହିପରି ୧୬.୩୧ କିମିର ସୁନାଖଣି-ସାମଲ ଓ ସାମଲ- ପରବିଲ୍ ୨ଟି ବ୍ଲକ ସେକ୍ସନକୁ ୨୦୨୧-୨୨ ଆର୍ଥିକ ବର୍ଷରେ କାର୍ଯ୍ୟକ୍ଷମ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ରେଳ କାର୍ଯ୍ୟର ବିକାଶକୁ ପ୍ରାଥମିକତା ଦିଆଯାଇଛି। ରାଜ୍ୟବାସୀଙ୍କ ପାଞ୍ଚ ଦଶନ୍ଧିର ଦାବିକୁ ପୂରଣ କରିବା ଦିଗରେ ସମସ୍ତ ବାଧାବିଘ୍ନକୁ ହଟାଇବା ପାଇଁ ନିରନ୍ତର କାର୍ଯ୍ୟ କରାଯାଉଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର

ପ୍ରକାଶ ଯେ, ୨୦୦୩-୦୪ରେ ମଞ୍ଜୁର ହୋଇଥିବା ୧୪୯.୭୮ କିଲୋମିଟର ତାଳଚେର-ବିମଳାଗଡ ନୂତନ ବ୍ରଡ୍‌ଗଜ ରେଳ ଲିଙ୍କ ପ୍ରକଳ୍ପ ଇତିମଧ୍ୟରେ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି। ଅନୁଗୋଳ ଜିଲା ମଧ୍ୟରେ ଥିବା ସୁନାଖଣି- ସାମଲ ଷ୍ଟେଶନ ମଧ୍ୟରେ ସୁନାଖଣି ଓ ସାମଲ୍ ଷ୍ଟେଶନ ମଧ୍ୟରେ ବାରୁଆଁ ପାହାଡ଼ରେ ପୂର୍ବତଟ ରେଳବାଇର ଯନ୍ତ୍ରୀମାନେ ୮୪୦ମିଟର ଲମ୍ବର ଟନେଲ କାର୍ଯ୍ୟ ପାଇଁ ଇତିମଧ୍ୟରେ ଚୂଡ଼ାନ୍ତ ବିସ୍ଫୋରକ ବ୍ୟବହାର କରି ରେଳ ମାର୍ଗ ପ୍ରସ୍ତୁତ କରିଛନ୍ତି। ଏହାର ଏକ ଭିଡିଓ ଶନିବାର ରେଳ ମନ୍ତ୍ରୀ ବୈଷ୍ଣବ ଟୁଇଟ ପୋଷ୍ଟ କରିଥିଲେ। ରେଳ ମନ୍ତ୍ରୀ ତାଙ୍କ ପୂର୍ବ ଗସ୍ତ ସମୟରେ ରାଜ୍ୟରେ ଚାଲୁଥିବା ରେଳ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସମ୍ପାଦନ ପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଅନ୍ୟାନ୍ୟ ସରକାରୀ ସଂସ୍ଥା ସହ ସମନ୍ୱୟ ରକ୍ଷା କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ, ଯାହା ଫଳରେ ଦୀର୍ଘ ଦିନର ଚାଲୁରହିଥିବା କାର୍ଯ୍ୟ ଶୀଘ୍ର ଶେଷ ହେବା ଉପରେ ରହିଛି। ଦେବଗଡ ଏବଂ ସୁନ୍ଦରଗଡ଼ ଜିଲାରେ ଜମି ଅଧିଗ୍ରହଣର ମନ୍ଥର ଗତି ଯୋଗୁ ଉକ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ କିଛିଟା ବିଳମ୍ବ ଘଟିଛି। ଉପରୋକ୍ତ ୨ଟି ଜିଲାରେ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ବତଟ ରେଳପଥ ଉଭୟ ରାଜ୍ୟ ଏବଂ ଜିଲା ପ୍ରଶାସନ ସହିତ ନିରନ୍ତର ଯୋଗାଯୋଗରେ ଅଛି। ଫଳରେ ବିମଳାଗଡ଼ ପାର୍ଶ୍ୱରୁ ଉକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶୀଘ୍ର କରାଯାଇ ପାରିବ। ଏହି ପ୍ରକଳ୍ପ ସମାପ୍ତ ପରେ ତାଳଚେର ଓ ରାଉରକେଲା ମଧ୍ୟରେ ଦୂରତ୍ୱ ପ୍ରାୟ ୧୨୬ କି.ମି. ହ୍ରାସ ପାଇବ। ଏହି ରେଳ ଲାଇନ ଦ୍ୱାରା ବନ୍ଦରଗୁଡିକ ମାଧ୍ୟମରେ ଗୁଣାତ୍ମକ ଲୁହାପଥର ବିଦେଶକୁ ରପ୍ତାନିରେ ସାହାଯ୍ୟ କରିବ। ବିଶେଷକରି ଆଭ୍ୟନ୍ତରୀଣ ଅନୁଗୋଳ, ଦେବଗଡ଼ ଏବଂ ସୁନ୍ଦରଗଡ଼ ଜିଲାର ଅର୍ଥନୈତିକ ବିକାଶ ବୃଦ୍ଧି କ୍ଷେତ୍ରରେ ଏହା ସହାୟତା କରିବ।

'ଧରିତ୍ରୀ' ଖବରକାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ପାଟଣା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ମୋ ତରଫରୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ...



ଇଂ ବିନୋଦ ବିହାରୀ ନାଏକ
ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ
ପାଟଣା ନିର୍ବାଚନ ମଣ୍ଡଳୀ, ରସବନ୍ତଳା, ଝୁମ୍ପୁରା, କେନ୍ଦୁଝର

ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ
ମଠସାହି, ଦେବଗଡ଼
(ଶ୍ରମ ଓ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର)

- ଶିଶୁ ଶ୍ରମିକ ପ୍ରଥାକୁ ବିଲୋପ କରିବା ନିମନ୍ତେ ସହଯୋଗ କରନ୍ତୁ।
- ଶିଶୁମାନଙ୍କୁ କାର୍ଯ୍ୟକ୍ଷେତ୍ରରେ କାମ କରିବାକୁ ନ ଦେଇ ସ୍ୱପ୍ନ ଦେଖିବାକୁ ଦିଅନ୍ତୁ।
- ୧୪ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ଯେକୌଣସି କାର୍ଯ୍ୟରେ କିମ୍ବା ୧୫ରୁ ୧୮ ବର୍ଷରୁ କମ୍ ବୟସର କିଶୋରମାନଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ। ଏଥିପାଇଁ ଟ୨୦୦୦୦/-ରୁ ଟ୫୦୦୦୦/- ପର୍ଯ୍ୟନ୍ତ ଜରିମାନା କିମ୍ବା ୬ ମାସରୁ ୨ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗିବାକୁ ପଡ଼ିପାରେ।

ଯଦି କୌଣସି ଶିଶୁ ନିୟୋଜିତ ହୋଇଥିବା ଆପଣଙ୍କ ନଜରରେ ଆସେ ତେବେ ତୁରନ୍ତ ସ୍ଥାନୀୟ ପୋଲିସ/ଜିଲ୍ଲା ଶ୍ରମ ବିଭାଗ କିମ୍ବା www.pencil.gov.in ମାଧ୍ୟମରେ ରିପୋର୍ଟ କରନ୍ତୁ।

ଶିଶୁଶ୍ରମ ବନ୍ଦ କରନ୍ତୁ

କୃଷି ସୂଚନା ପାଇଁ ଆମ କୃଷି-୧୫୫୩୩୩କୁ କଲ୍ କରନ୍ତୁ।

DBT

ଚଳିତବର୍ଷ DBT ମାଧ୍ୟମରେ କୀଟନାଶକ, ଅଣୁସାର ଏବଂ କୃଷି ଯନ୍ତ୍ରପାତି କିଣି ରିହାତିର ଲାଭ ନିଅନ୍ତୁ। ଜଣେ ଚାଷୀ ସର୍ବାଧିକ ୨ ହେକ୍ଟର ପାଇଁ କୀଟନାଶକ ତଥା ଅଣୁସାର କ୍ରୟ ବାବଦରେ ଟ୧୦୦୦/- ର ରିହାତି ବ୍ୟବସ୍ଥା ଅଛି। ଏଥିପାଇଁ ସମସ୍ତ ଚାଷୀଙ୍କର ଚାଷୀ ପରିଚୟ ସଂଖ୍ୟା ବାଧ୍ୟତାମୂଳକ। ଚାଷୀ ପରିଚୟ ସଂଖ୍ୟା ନ ଥିବା ଚାଷୀମାନେ ଚାଷୀ ପରିଚୟ ସଂଖ୍ୟା ପାଇବା ପାଇଁ ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ବ୍ୟାଙ୍କ ପାସବୁକ୍, ଖତିୟାନ ଏବଂ ମୋବାଇଲ ନମ୍ବର ସହିତ ନିକଟସ୍ଥ ବ୍ଲକ କୃଷି କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ (MKUY) ଯୋଜନାରେ ମହିଳା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଚାଷୀଙ୍କୁ ୫୦% ଓ ସାଧାରଣ ବର୍ଗ ପୁରୁଷ ଚାଷୀଙ୍କୁ ୪୦% ରିହାତିର ସୁବିଧା ଅଛି। ଅଧିକ ବିବରଣୀ ପାଇଁ ଗ୍ରାମ୍ୟ କୃଷି କର୍ମଚାରୀ/କୃଷି ଅଧିଦର୍ଶକ/ ବ୍ଲକ କୃଷି ଅଧିକାରୀଙ୍କୁ ଯୋଗାଯୋଗ କରନ୍ତୁ।

ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା
ଦେବଗଡ଼



'ଧରିତ୍ରୀ'ର ୪୭ ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଜଣାଉଛି। ମାଲକାନଗିରି ଜିଲ୍ଲାବାସୀ ନିଜର ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଅନୁରୋଧ କରୁଅଛି।

ମୋହନ ଗୁଡ଼ିଆ ବନପାଳ, ମାଲକାନଗିରି

'ଧରିତ୍ରୀ'ର ୪୭ ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରକୁ ସାବତ ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛୁ।



ସାବତ ପରିବାର, ମାଲକାନଗିରି

'ଧରିତ୍ରୀ'ର ୪୭ ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରକୁ ମୋ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।



ନିଖିଲ ବାନାର୍ଜୀ
ପଞ୍ଚାୟତ ନିର୍ବାହୀ ଅଧିକାରୀ, ଶିଖପାଲ୍ଲୀ ଗ୍ରା.ପ. ମାଲକାନଗିରି

B.M.S. FUELS
Jayanagar, M.V. 42
Malkangiri

'ଧରିତ୍ରୀ'ର ୪୭ ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଅଭିନନ୍ଦନ।

'ଧରିତ୍ରୀ'ର ୪୭ ବର୍ଷ ପୂର୍ତ୍ତିର ଶୁଭେଚ୍ଛା ଜଣାଇବା ସହ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଜିଲ୍ଲାର ସମସ୍ତ ବନ ସଂରକ୍ଷଣ ସମିତି ଏବଂ ବନାଞ୍ଚଳରେ ବସବାସ କରୁଥିବା ଅଧିବାସୀମାନେ ଆଗେଇ ଆସିବାକୁ ଅନୁରୋଧ କରୁଅଛି।



ବଳରାମ ନାୟକ, ବନାଞ୍ଚଳ ଅଧିକାରୀ, ମୋଟୁ

'ଧରିତ୍ରୀ'ର ୪୮ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ ପାଠିକାପାଠକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ଏହି ଅବସରରେ 'ଧରିତ୍ରୀ'ରେ କାର୍ଯ୍ୟରତ ସମସ୍ତ କର୍ମଚାରୀ, ସମ୍ବାଦଦାତା, ବିତରକମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି। ଗୋପ ବ୍ଲକ ୩୧ ଗୋଟି ପଞ୍ଚାୟତରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାର ସଫଳ ରୂପାୟନ ସହିତ ୫-ଟି ଦ୍ୱାରା ହେଉଥିବା ବିଦ୍ୟାଳୟ ରୂପାନ୍ତରକରଣ କାର୍ଯ୍ୟ, ମନରେଗା ଯୋଜନାରେ ଗୋପ ବ୍ଲକକୁ ସଫଳତା ସହିତ ଅନ୍ୟାନ୍ୟ କାର୍ଯ୍ୟ ସୁଚାରୁରୂପେ କରାଯାଉଥିବାରୁ ବ୍ଲକର ସମସ୍ତ କର୍ମଚାରୀ, ଜନପ୍ରତିନିଧି ଓ ଜନସାଧାରଣଙ୍କୁ ଶୁଭେଚ୍ଛା।



ଶ୍ରୀମତୀ ଦୀପ୍ତିରାଣୀ ଦାସ
ମଣ୍ଡଳ ଉନ୍ନୟନ ଅଧିକାରୀ, ଗୋପ

'ଧରିତ୍ରୀ'ର ୪୮ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ ପାଠିକାପାଠକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ଆଗାମୀ ଦିନରେ ଗୋପ ବ୍ଲକକୁ ଆଗେଇ ନେବା ପାଇଁ ପ୍ରଶାସନ ଓ ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ପ୍ରୟାସ ନିହାତି ଆବଶ୍ୟକ। ତତ୍‌ସହିତ ସରକାରଙ୍କର ଜଳସମ୍ପଦ ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟକାରିତାକୁ ଠିକ୍ ଭାବରେ ବିଭାଗ ଦାୟିତ୍ୱ ତୁଲାଉଥିବାରୁ ବିଭାଗୀୟ କର୍ମଚାରୀଙ୍କୁ ଶୁଭକାମନା।



ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ମହାନ୍ତି
ସହକାରୀ ଯନ୍ତ୍ରୀ, ଗୋପ ଜଳ ସମ୍ପଦ ଉପଖଣ୍ଡ



'ଧରିତ୍ରୀ'ର ୪୮ତମ ସ୍ୱନକ୍ଷତ୍ର ଅବସରରେ ପୁରୀ ଜିଲା ତଥା ଗୋପ ବ୍ଲକର ମା' ମାଉସୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଜିଲାରେ ଥିବା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଯେପରି ଆଗକୁ ଯାଇପାରିବ, ସେଥିଲାଗି ମୁଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ତତ୍‌ସହିତ ଦୈନିକ ଖବରକାଗଜ 'ଧରିତ୍ରୀ'ର ଉତ୍ତରୋତ୍ତର କାମନା କରୁଛି।

ଶ୍ରୀମତୀ ମୀନାକ୍ଷୀ ପୃଷ୍ଟି
ସଭାନେତ୍ରୀ, ଗୋପ ବ୍ଲକ ମହିଳା ଶକ୍ତି

SONALIKA
LEADING AGRI EVOLUTION
Authorised Dealer
M/S. Sri Dhanalaxmi Enterprises
Main Road, Jaipuriaguda
Malkangiri – 764045, Odisha
Prop.: Pinnint Govinda
Mob.: 9437373822 / 9668297472

ପ୍ରଗତି ପଥେ ମାଲକାନଗିରି ବ୍ଲକ

PROJECTS TAKEN UP UNDER MGNREGA IN MALKANGIRI BLOCK

- Staggered Trench.
- Stone Bounding.
- Land development.
- Percolation Tank.
- Farm Pond.
- Vermi Compost Pit.
- Drying Yard
- Rural Park etc.
- Trench cum bounding.
- Field Bounding.
- Field channel.
- Compost Pit.
- Cattle Shed.
- Dug Well.
- Roof top rain water harvesting structure



ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ)
ଜିଲ୍ଲା ଜଳ ଓ ପରିମଳ ମିଶନ, ମାଲକାନଗିରି
ସ୍ୱଚ୍ଛତାର ପ୍ରଗତି ପଥେ ମାଲକାନଗିରି ଜିଲ୍ଲା

୧. ମାଲକାନଗିରି ଜିଲ୍ଲାରେ ଅଦ୍ୟାବଧି ବ୍ୟକ୍ତିଗତ ସ୍ୱଚ୍ଛତା ନିମନ୍ତେ Base-line ଅଧୀନରେ ୧୦୩୯୮୫ ଗୋଟି LOB (Left Out Beneficiary) ଅଧୀନରେ ୨୧୧୬ ଗୋଟି ଓ NoLB (No one Left Behind) ଅଧୀନରେ ୧୦୧୪୭ ଶୌଚାଳୟ ନିର୍ମାଣ କରାଯାଇଅଛି।
୨.ସେହିପରି ଭାବେ ଗୋଷ୍ଠୀଭିତ୍ତିକ ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ୪୫ ଗୋଟିରୁ ୩୯ ଗୋଟି ଗୋଷ୍ଠୀଭିତ୍ତିକ ଶୌଚାଳୟ ବା Community Sanitary Complex (C.S.C) ଗୁଡିକ ଜନଗହଳି ହାଟ ଓ ବଜାର ସ୍ଥାନରେ ନିର୍ମାଣ କରାଯାଇଅଛି।
୩. ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଦ୍ୱିତୀୟ ପର୍ଯ୍ୟାୟରେ ଜାତୀୟ ସବୁଜ ନ୍ୟାୟାଧୀକରଣ (National Green Tribunal)ଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲାରେ ୧୧୧ ଗୋଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ୧୧୦ଟି ଗ୍ରାମ ପଞ୍ଚାୟତରେ କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା ନିମନ୍ତେ କଠିନ ବର୍ଜ୍ୟବସ୍ତୁ ଉପଯୋଗୀ କାର୍ଯ୍ୟ ସମ୍ପାଦନା କରାଯାଇଅଛି।
ଯଥା-୧. ମୃତ୍ତିକା ଅଳିଆ ବିଘଟକ କୁଣ୍ଡ, ୨. ସିମେଣ୍ଟ ଆଚ୍ଛାଦିତ ଅଳିଆ ଆବର୍ଜନା କୁଣ୍ଡ, ୩. ଦୁଇ ଯୋଡ଼ା ବିଶିଷ୍ଟ ଏକୀକୃତ ଇଟା ନିର୍ମିତ ଆବର୍ଜନା କୁଣ୍ଡ। ୪. ସ୍ୱଚ୍ଛତାକୁ ଆଉ ପାଦେ ଆଗେଇ ନେବା ଲକ୍ଷ୍ୟ ରଖି ଗ୍ରାମାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ, ତରଳ ବର୍ଜ୍ୟବସ୍ତୁ ଏବଂ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ସୁପରିଚାଳନା ନିମନ୍ତେ ଉଭୟ ପରିବାର ଏବଂ ଅନୁଷ୍ଠାନ ପାଇଁ ଶୋଷକ କୁଣ୍ଡ, ଖତ କୁଣ୍ଡ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଅଛି।

ସୌଜନ୍ୟ- ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମ୍ୟ ଉନ୍ନୟନ ବିଭାଗ, ମାଲକାନଗିରି

ମାଲକାନଗିରି ପୌର ପରିଷଦ ଆପଣଙ୍କ ସେବାରେ

ସର୍ବସାଧାରଣଙ୍କୁ ସେବା ଯୋଗାଇବା ପାଇଁ କଲ୍ୟାଣ ମଣ୍ଡପ, ସଂସ୍କୃତି ଭବନ, ନଗର ଭବନ, ଯେକୌଣସି କାର୍ଯ୍ୟକ୍ରମ ପାଇଁ ଧାର୍ଯ୍ୟ ମୂଲ୍ୟରେ ବ୍ୟବହାର କରିପାରିବେ। ସହରର ସମସ୍ତ ଘରକୁ ପାନୀୟ ଜଳ ଯୋଗାଣ, ମୁଖ୍ୟ ରାସ୍ତା ସହ ସମସ୍ତ ୱାର୍ଡରେ ଆଲୋକୀକରଣ, ସ୍ୱଚ୍ଛ ପରିମଳ ପାଇଁ ଗୋଷ୍ଠୀଗତ ଏବଂ ବ୍ୟକ୍ତିଗତ ପାଇଖାନା, ରାସ୍ତା ଏବଂ ପୋଲ ନିର୍ମାଣ, ଗରିବ ହିତାଧିକାରୀମାନଙ୍କୁ ଆବାସ ଯୋଜନାରେ ଘର ଯୋଗାଇବା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଯୋଗାଇଦେବା, ବସ୍ତିବାସିନ୍ଦାଙ୍କୁ ଘରଡିହ ପଟ୍ଟା ପ୍ରଦାନ ସହ ଆର୍ଥିକ ଅନୁଦାନ ଯୋଗାଇଦେବା ଆମ୍ଭର ଲକ୍ଷ୍ୟ। ସହରକୁ ସବୁଜ ସୁନ୍ଦର କରିବା ପାଇଁ ଆମର ପ୍ରୟାସ ଜାରି ରହିଛି। ଜନସାଧାରଣଙ୍କୁ ନିବେଦନ, ନିଜର ଗୃହପାଳିତ ପଶୁମାନଙ୍କୁ ରାସ୍ତାରେ ନ ଛାଡ଼ି ନିଜ ଘରେ ରଖନ୍ତୁ। ନିଜ ଘରର ଅଳିଆ ଆବର୍ଜନା ପୌର ପରିଷଦ ତରଫରୁ ଆସୁଥିବା ସ୍ୱଚ୍ଛ ଭାରତ ଅଳିଆ ପରିବହନ ଗାଡ଼ିରେ ଦୈନିକ ପକାନ୍ତୁ। ବିଭିନ୍ନ ପୁଷ୍କରିଣୀ ଚତୁଃପାର୍ଶ୍ୱରେ ମଳ ତ୍ୟାଗ ନ କରିବା ସହ ପୁଷ୍କରିଣୀକୁ ଅପରିଷ୍କାର କରନ୍ତୁ ନାହିଁ। ଶିଶୁ ଉଦ୍ୟାନଗୁଡିକୁ ବ୍ୟବହାର କରିବା ସହ ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନ ଦିଅନ୍ତୁ।

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌର ପରିଷଦ, ମାଲକାନଗିରି

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୯ ନଭେମ୍ବର, ୨୦୨୧

## ସମଲେଶ୍ୱରୀ ସାହିତ୍ୟ ସଂସଦ ବୈଠକ

କୋଲାବିରା,(ଡି.ଏନ.ଏ.): କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦର ବୈଠକ ରବିବାର ଅସ୍ଥାୟୀ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ଅଷ୍ଟମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ ମୁଖପତ୍ର ଅଗ୍ନିତୀର୍ଥ ଉନ୍ମୋଚନ ସମ୍ପର୍କରେ ଆଲୋଚନା କରାଯାଇ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରାଯାଇଥିଲା। ଆସନ୍ତା ଡିସେମ୍ବର ୫ରେ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଜିଲା ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାସ ମୁଖ୍ୟ ଅତିଥି, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ସ୍ୱତନ୍ତ୍ର ଅତିଥି ଓ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଦସ୍ୟା ଡ. ମନ୍ଦାକିନୀ ଶତପଥି ସମ୍ମାନିତ ଅତିଥି ଭାବେ ଯୋଗଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି।



## ସଂକ୍ଷେପରେ

### ଯଜ୍ଞସେନୀଙ୍କ ପାଇଁ ସରକାରୀ ଯୋଜନା ସ୍ୱପ୍ନ



**କୁଚିଣ୍ଡା,୨୮।୧୧(ଡି.ଏନ.ଏ.):** ସରକାର ଗରିବ, ଅସହାୟଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ଏହି ଯୋଜନା କୁଚିଣ୍ଡା ବ୍ଲକ ବହ୍ମା ପଞ୍ଚାୟତ କିଲିପଦର ଗ୍ରାମର ଯଜ୍ଞସେନୀ ମେହେରଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଯଜ୍ଞସେନୀଙ୍କ ବୟସ ପ୍ରାୟ ୭୦ ବର୍ଷ। ଏକ ମାଟି କାନ୍ଥଥିବା ଭଙ୍ଗାଦଦରା ଘରେ ସେ ରହୁଛନ୍ତି। ପୂର୍ବରୁ ସ୍ୱାମୀ ଚେରୁ ମେହେରଙ୍କ ଦେହାନ୍ତ ହୋଇସାରିଛି। ଅନେକ ଥର ସେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଏକ ପକ୍କା ଘର ପାଇଁ ଆବେଦନ କରିଛନ୍ତି। ସରକାରୀ ବାବୁଙ୍କୁ ମଧ ଗୁହାରି କରିଛନ୍ତି। ପ୍ରତିଶ୍ରୁତି ମିଳିଥିଲେ ବି ଘର ଖଣ୍ଡେ ପାଇ ନାହାନ୍ତି। ସେହିପରି ଯୋଗ୍ୟ ହୋଇ ମଧ ସେ କାଳିଆ ଯୋଜନାରେ ଆର୍ଥିକ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଯଜ୍ଞସେନୀଙ୍କ ନାମରେ କିଲିପଦର ମୌଜାର ଖାତା ନଂ.୧୨ରେ ମୋଟ ୭ ଏକର ୪୦ ଡେସିମିଲ ଜମି ରହିଛି। ଏହି ଖାତାରେ ତାଙ୍କ ସହିତ ତିନି ପୁଅ ଓ ଦୁଇ ଝିଅ ମଧ ଅଂଶୀଦାର ଅଛନ୍ତି। ଏଣୁ ଏଥିରେ ଯଜ୍ଞସେନୀଙ୍କ ଭାଗ ମାତ୍ର ୧ ଏକର ୨୩ ଡେସିମିଲ। ଏହା ସତ୍ତ୍ୱେ ତାଙ୍କୁ କାଳିଆ ଯୋଜନାରେ ଆର୍ଥିକ ସହାୟତା ମିଳି ନାହିଁ। ତାଙ୍କର ଦୁଇ ପୁଅଙ୍କୁ କାଳିଆ ଯୋଜନାରେ ଆର୍ଥିକ ସହାୟତା ମିଳୁଥିବା ବେଳେ ସେ ଏଥିରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ସେ କୃଷି ବିଭାଗ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ ସୁଫଳ ମିଳି ନ ଥିବା କହିଛନ୍ତି। ପକ୍କାଘର ସମ୍ପର୍କରେ କୁଚିଣ୍ଡା ବିଡିଓ ନିରଞ୍ଜନ ସାଙ୍କୁ ପଚାରିବାରୁ ସେ କହିଛନ୍ତି, ଆଧାର ଓ ଭୋଟର କାର୍ଡ ସହ ଜମି ସମ୍ପର୍କିତ ତଥ୍ୟ ଦାଖଲ କଲେ ତଦନ୍ତ କରି ଶୀଘ୍ର ଘରଟିଏ ଦେବାପାଇଁ ପଦକ୍ଷେପ ନେବେ। କାଳିଆ ଯୋଜନାରେ ଆର୍ଥିକ ସହାୟତା ସମ୍ପର୍କରେ ଉପଖଣ୍ଡ କୃଷି ଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ମଧ ସେ ରିସିଭ ନ କରିବାରୁ ତାଙ୍କ ମତାମତ ମିଳିପାରି ନାହିଁ।

### ଦୋକାନ ଲୁଟ୍ ଘଟଣାରେ ୩ ଗିରଫ

**ଝାରସୁଗୁଡ଼ା ଅଫିସ,୨୮।୧୧:** ଗତ ୨୨ତାରିଖ ରାତିରେ ଲଖନପୁର ଥାନା ଅଡ଼ାପଡା ଗ୍ରାମର ଏକ ଦୋକାନ ତାଲାକାଟି ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଲୁଟିନେଇଥିଲେ। ଦୋକାନ ମାଲିକ ସନ୍ତୋଷ ଭୋଇଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୨୩/୨୧) ରୁଜୁକରି ତଦନ୍ତ ଚଳାଇଥିଲା। ଘଟଣାର ୬ଦିନ ପରେ ପୋଲିସ୍ ୩ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କଠାରୁ ଲୁଟ୍ ସାମଗ୍ରୀ, ଲୁଟ୍‌ରେ ବ୍ୟବହୃତ କଟର ଓ ଲୁହାରଡ୍ ଆଦି ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ବ୍ରଜରାଜନଗର ଥାନା ଗାନ୍ଧୀଛକ କୁସୁମମୁଣ୍ଡାର ରାଜେନ୍ଦ୍ର କିଷାନ, ବନ୍ଧବାହାଲ ମାଝିପଡାର ଅନାମ ଖଡିଆ ଓ ସୁନ୍ଦରଗଡ ଜିଲା ହିମଗିରି ଥାନା କନକତୋରା ଗ୍ରାମର କ୍ଷୀରୋଧ ପ୍ରଧାନ।

# କୁଚିଣ୍ଡା ଉପଖଣ୍ଡ: ଚାଷୀଙ୍କୁ ମିଳିନି ଟୋକନ

**କୁଚିଣ୍ଡା, ୨୮।୧୧(ଡି.ଏନ.ଏ.)**

ଆସନ୍ତା ଡିସେମ୍ବର ୧ତାରିଖରୁ କୁଚିଣ୍ଡା ଉପଖଣ୍ଡରେ ଖରିଫ ଧାନକିଣା ପାଇଁ ମଣ୍ଡି ଖୋଲିବାକୁ ଯାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ହେଲେ ଧାନବିକ୍ରି ପାଇଁ ଟୋକନ୍ ପହଞ୍ଚି ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି।

ଉପଖଣ୍ଡରେ ୨୦୨୧-୨୨ବର୍ଷରେ ଧାନକ୍ରୟ ପାଇଁ ୫୨ ଗୋଟି ମଣ୍ଡି ବ୍ୟବସ୍ଥା ହୋଇଛି। ପ୍ରତିବର୍ଷ ମଣ୍ଡି ଆରମ୍ଭ ପୂର୍ବରୁ ବ୍ଲକୱାରୀ ଚାଷୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯିବାର ସରକାରୀ ପ୍ରାବଧାନ ରହିଛି। ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ବ୍ଲକ ସ୍ତରରେ ନିୟୋଜିତ ଲ୍ୟାମ୍ପ ସମିତି, ଏସ୍ଏଚ୍‌ଜି ଓ

**ସରକାରୀ ଅବହେଳା ଧାନ କିଣାରେ ସମସ୍ୟା ସୃଷ୍ଟି କରିବ**

ଚାଷୀଙ୍କୁ ନେଇ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ପକ୍ଷରୁ ଧାନ କିଣାରେ ପାଳନ ହେଉଥିବା ସ୍ୱଚ୍ଛତା, ସରକାରୀ ନିୟମର ଅନୁପାଳନ ସମ୍ପର୍କରେ ତାଲିମ ଦିଆଯାଇଥାଏ। ଏଥିରେ ଚାଷୀମାନେ ମଣ୍ଡି ପରିଚାଳନାରେ ହେଉଥିବା ଦୋଷତ୍ରୁଟି ସାଙ୍ଗକୁ କଟ୍‌ନୀଛଟ୍‌ନୀ ସମସ୍ୟା ଆଲୋଚନା କରିଥାନ୍ତି। ହେଲେ ଏ ନେଇ କୌଣସି ସଚେତନତା ବୈଠକ କରାଯାଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଆର୍‌ଏମ୍‌ସି ପକ୍ଷରୁ କେବଳ ବ୍ଲକୱାରୀ ଏସ୍ଏଲ୍‌ପିସି ବୈଠକ ଲ୍ୟାମ୍ପ ସମିତିରେ କରାଯାଇଥିଲେ ହେଁ ଏଥିରେ କୌଣସି ଚାଷୀଙ୍କୁ ସୂଚନା ଦିଆଯାଇ ନ ଥିବା କୁହାଯାଇଛି। ମଣ୍ଡି ଖୋଲିବା ପୂର୍ବରୁ ଚାଷୀଙ୍କ ପାଖକୁ ଧାନ ବିକ୍ରି ପାଇଁ ଟୋକନ ଆସୁଥିବା ବେଳେ ଚଳିତବର୍ଷ କିନ୍ତୁ ଏ ପର୍ଯ୍ୟନ୍ତ ଜଣେ ହେଲେ ଚାଷୀ ଟୋକନ ପାଇନାହାନ୍ତି। ରବିବାର ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଡିସେମ୍ବର ୧ ତାରିଖରୁ ଧାନ କିଣା ପାଇଁ ପ୍ରଚାର କରାଯାଇଛି। ଟୋକନ ନ ଥିବାରୁ ଆଉ ମାତ୍ର ଦୁଇଦିନ ପରେ ଖୋଲିବାକୁ ଥିବା ମଣ୍ଡିକୁ ଚାଷୀ କିପରି ଧାନ ଆଣିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୦୨୦-୨୧ ଖରିଫ ଧାନ ସମୟରେ ୪୮ ମଣ୍ଡିରେ ଧାନ କିଣାଯାଇଥିଲା। ଏଥିରେ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକର ୯ ଗୋଟି ଲ୍ୟାମ୍ପ ସମିତି ସାଙ୍ଗକୁ ୭ ଗୋଟି ମହିଳା ଏସ୍ଏଚ୍‌ଜି ନିୟୋଜିତ ହୋଇଥିଲେ। ପ୍ରଶାସନ ୨୦୨୧-୨୨ ବର୍ଷ ନୂତନ ଭାବେ ଆଉ ୪ଗୋଟି ମଣ୍ଡିକୁ ମିଶାଇ ମୋଟ ୫୨ ମଣ୍ଡିରେ ଧାନ କିଣା ବ୍ୟବସ୍ଥା କରିଛି। ବିଗତ ବର୍ଷରେ ନିୟୋଜିତ ସଂସ୍ଥାମାନଙ୍କ ଦ୍ୱାରା ଧାନ କିଣିବାକୁ ସ୍ଥିର ହୋଇଛି। ଏ ସମ୍ପର୍କରେ ଆର୍‌ଏମ୍‌ସି ସମ୍ପାଦକ ମନୋଜ ମହାନ୍ତଙ୍କୁ ପଚାରିବାରୁ ସେ କହିଥିଲେ, ସରକାରଙ୍କ ଆଦେଶ ମୁତାବକ ଏସ୍ଏଲ୍‌ପିସି ମାଧ୍ୟମରେ ସଚେତନତା ଶିବିର କରଯାଇଛି ଏବଂ ମଣ୍ଡି ଆରମ୍ଭ ବେଳକୁ ଚାଷୀଙ୍କ ପାଖରେ ଟୋକନ ପହଞ୍ଚିଯିବ। ୨୦୨୦-୨୧ ବର୍ଷରେ କୁଚିଣ୍ଡା ଆର୍‌ଏମ୍‌ସି ପକ୍ଷରୁ ମୋଟ ୧୨ଲକ୍ଷ ୨ହଜାର ୪୯ କୁଇଣ୍ଟାଲ ୩୪ କେଜି ଧାନ କିଣାଯାଇଥିବା ବେଳେ ଚଳିତବର୍ଷରେ ସରକାରଙ୍କଠାରୁ ଧାନ କିଣା ଟାର୍ଗେଟ ଆସି ନ ଥିବା ସମ୍ପାଦକ ମହାନ୍ତ କହିଛନ୍ତି।

## ଭିମସାର ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ



ବୁର୍ଲା ଭିମ୍‌ସାରରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

**ସମ୍ବଲପୁର,୨୮।୧୧(ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାରର ଏମ୍‌ବିବିଏସ୍ ଛାତ୍ରୀଛାତ୍ର କୋଭିଡ୍ ଆକ୍ରାନ୍ତ ହୋଇଥିଲେ। ରବିବାର ମିଳିଥିବା ରିପୋର୍ଟ ଅନୁସାରେ ମୋଟ ୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି ବୋଲି ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର କହିଛନ୍ତି। ସେ ଆହୁରି କହିଛନ୍ତି, ସଂକ୍ରମିତ ଛାତ୍ରୀଛାତ୍ରଙ୍କ ଲକ୍ଷଣ ଦେଖା ଯାଉନାହିଁ। ତଥାପି କଣ୍ଟାକ୍ଟ ଟ୍ରେସିଂ କରି ସମସ୍ତ ଛାତ୍ରୀଛାତ୍ରଙ୍କ ପରୀକ୍ଷା କରାଯାଇଥିଲା। ସଂକ୍ରମଣ କମିବା ଆଶା କରାଯାଉଛି ବୋଲି କହିଥିଲେ। ଅନ୍ୟପଟେ ଜିଲାପାଳ ଶୁଭମ୍ ସକ୍‌ସେନା ଭିମ୍‌ସାର ଗସ୍ତ କରି କୋଭିଡ୍ ସ୍ଥିତି ସମୀକ୍ଷା କରିଛନ୍ତି। ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ବୁଲି ଦେଖିବା ସହ ମେଡିକାଲ ପରିଦର୍ଶନ କରିଥିଲେ। ଶୌଚାଳୟ ଓ ଡାଇନିଂ ହଲ ନବୀକରଣ କରିବାକୁ କହିଥିଲେ। ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଡିନ ଜୟଶ୍ରୀ ଡୋରା, ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡାଙ୍କ ସମେତ ଭିମ୍‌ସାର କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

# ମହିଳାରେ ଇଷ୍ଟକୋଷ୍ଟ ରେଲୱେ, ପୁରୁଷରେ କଟକ ଦଳ ଚାମ୍ପିୟନ



ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ର ଦୃଶ୍ୟ।

**ସୁନ୍ଦରଗଡ,୨୮।୧୧(ଡି.ଏନ୍ଏ)**

ସୁନ୍ଦରଗଡଠାରେ ଚାଲିଥିବା ୬୯ତମ ରାଜ୍ୟସ୍ତରୀୟ ସିନିୟର ମହିଳା ଓ ପୁରୁଷ କବାଡି ଚାମ୍ପିୟନଶିପ୍-୨୦୨୧ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ମହିଳା ବର୍ଗରେ ଇଷ୍ଟକୋଷ୍ଟ ରେଲୱେ ଭୁବନେଶ୍ୱର ଦଳ ଚାମ୍ପିୟନ ହୋଇଥିବା ବେଳେ ଢେଙ୍କାନାଳ ଦଳ ରନର୍ସ ଅପ୍ ହୋଇଛି। ପୁରୁଷ ବର୍ଗରେ କଟକ ଦଳ ଚାମ୍ପିୟନ ହୋଇଥିବା ବେଳେ ଓଡିଶା ପୋଲିସ ଦଳ ରନର୍ସ ଅପ୍ ହୋଇଛି। ଉଦ୍‌ଯାପନୀ ସମାରୋହରେ ପାରା ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ଜନ୍ମମାଟିର ପ୍ରୋତ୍ସାହନ ନୂତନ ପ୍ରତିଭାଙ୍କୁ ଆଗକୁ ବଢ଼ିବାର ସୁଯୋଗ ସୃଷ୍ଟି କରିଥାଏ ବୋଲି କହିଥିଲେ। ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରାଜ୍ୟ କବାଡି ଆସୋସିଏଶନର ସାଧାରଣ ସମ୍ପାଦକ ଅଜୟ ବେହେରା, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ଜିଲା କ୍ରୀଡା ସଂସଦ ଉପସଭାପତି ଚିତ୍ତରଞ୍ଜନ ବହିଦାର, ରାଜ୍ୟ ଫୁଟବଲ ମହାସଂଘ ଉପସଭାପତି ରବି ନାରାୟଣ ପଣ୍ଡା ପ୍ରମୁଖ ସମ୍ମାନିତ

**ରାଜ୍ୟସ୍ତରୀୟ ସିନିୟର ମହିଳା ପୁରୁଷ କବାଡି ଚାମ୍ପିୟନଶିପ୍ ଉଦ୍‌ଯାପିତ**

ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ସ୍ୱାଗତ ଭାଷଣ ଓ ବିଶ୍ୱରଞ୍ଜନ ହୋତା ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ଶ୍ମଶାନବନ୍ଧୁ ସିଦ୍ଧାନ୍ତ କୁମାର ପଣ୍ଡା, ଶିଶିର ବେହେରା, କମଳେଶ ନାଥ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ମାଦ୍ରି କାଲୋ ଭବନ ପଡିଆରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କବାଡି ଚାମ୍ପିୟନଶିପ୍‌ରେ ମୋଟ ୪୭ଟି ଦଳ ଭାଗ ନେଇଥିଲେ। ୧୦୦୦ରୁ ଊର୍ଦ୍ଧ୍ୱ ଅଫିସିଆଲ ଅଂଶଗ୍ରହଣ କରି ଖେଳ ପରିଚାଳନା କରିଥିଲେ। ଚାମ୍ପିୟନ ଦଳକୁ ନଗଦ ୩୦ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ନଗଦ ୨୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ସେମିଫାଇନାଲରେ ରନର୍ସ ଅପ୍ ହୋଇଥିବା ମହିଳା ବର୍ଗରେ ଯାଜପୁର ଓ କେନ୍ଦ୍ରାପଡା ଏବଂ ପୁରୁଷ ବର୍ଗରେ ସମ୍ବଲପୁର ଓ ନୂଆପଡା ଦଳକୁ ନଗଦ ୧୦ହଜାର ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା।

# ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ନାମରେ ମାମଲା

**ସମ୍ବଲପୁର,୨୮।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କବରାପାଲି ପଞ୍ଚାୟତରେ ଦୁର୍ନୀତି ଓ ଆର୍ଥିକ ଅନିୟମିତତା ଅଭିଯୋଗ କରିବା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ସାହୁଙ୍କୁ ମହଙ୍ଗା ପଡିଛି। ସରପଞ୍ଚ ତିଲୋତ୍ତମା ବାଗ୍‌ଙ୍କ ଅଭିଯୋଗ କ୍ରମେ ସଦର ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଶନିବାର ରାତିରୁ ଚାଲିଥିବା ଆମରଣ ଅନଶନ ବନ୍ଦ ହୋଇଯାଇଛି। ଏହି ଘଟଣାକୁ ଏବେ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ଦୁର୍ନୀତି ଘଟଣା ଚପାଇବାକୁ ଏଭଳି ଚକ୍ରାନ୍ତ ଓ ଷଡ଼ଯନ୍ତ୍ର କରାଯାଇଥିବା ଅଭିଯୋଗ ହେଉଛି।

ଆମରଣ ଅନଶନ ପରେ ଦୁର୍ନୀତିର ତଦନ୍ତ ଆରମ୍ଭ ହୋଇଥିଲା।

**ଦୁର୍ନୀତିକୁ ବିରୋଧ କରିବା ମହଙ୍ଗା ପଡିଲା**

ବିଡିଓ ସୁରଜ ବିଶ୍ୱାଳ ଓ ବ୍ଲକସ୍ତରୀୟ ଅଧିକାରୀମାନେ ତଦନ୍ତ ଜାରି ରଖିଛନ୍ତି। ଏପରି ସମୟରେ ବାଧା ଦେବା ପାଇଁ ମିଛ ମାମଲା କରାଯାଇଥିବା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାହୁଙ୍କ ସମର୍ଥକମାନେ କହିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ସରପଞ୍ଚଙ୍କ ଏକ ଭିଡିଓ ଭାଇରାଲ ହୋଇଛି। ଯେଉଁଥିରେ ସରପଞ୍ଚ ବାଗ୍ ପିସି ଦେବାକୁ ଦାବି କରୁଛନ୍ତି। ଏବେ ଘଟଣାର ତଦନ୍ତ ବାଟବଣା ହେବ ନା ଆଗେଇବ ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ସରପଞ୍ଚ ବାଗ୍ ଥାନାରେ ଅଭିଯୋଗ କରିଛନ୍ତି, ନିର୍ବାଚନ ସମୟରେ ତାଙ୍କୁ ସମର୍ଥନ ଓ ସହଯୋଗ କରିଥିଲେ। ପଞ୍ଚାୟତ ତାଙ୍କ ଅନୁସାରେ ଚଳାଇବାକୁ ବାଧ୍ୟ କରୁଥିଲେ। ନିୟମ ବାହାରେ ଅନେକ କାମ କରିବାକୁ କହୁଥିଲେ। ତାହାକୁ ବିରୋଧ କରୁଥିଲି। ତେଣୁ ମୋତେ ବଦନାମ କରାଯାଉଛି। ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦର୍ଶାଇଛନ୍ତି। ସୂଚନାଯୋଗ୍ୟ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାହୁ ଓ କେତେଜଣ ପଞ୍ଚାୟତବାସୀ ପଞ୍ଚାୟତରେ ହୋଇଥିବା ଦୁର୍ନୀତିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ୩ଦିନ ହେଲା ଆମରଣ ଅନଶନରେ ବସିଥିଲେ। ପ୍ରଥମ ଦିନରେ ବିଡିଓ ବିଶ୍ୱାଳ ଯାଇ ସେମାନଙ୍କ ସହ ଆଲୋଚନା କରିଥିଲେ। ସରପଞ୍ଚ ବାଗ୍ ମଧ ଅଭିଯୋଗ ଭିତ୍ତିହୀନ ଓ ସମସ୍ତ ତଦନ୍ତର ସାମ୍ନା କରିବାକୁ ପ୍ରସ୍ତୁତ ଥିବା କହୁଛନ୍ତି।

## ଧାନ କାଟୁଥିବା ବେଳେ ଯୁବକଙ୍କୁ ଦଳିଦେଲା ଦନ୍ତା

**ଦେବଗଡ଼,୨୮।୧୧(ଡି.ଏନ.ଏ.)**

ଧାନ କାଟୁଥିବା ବେଳେ ଚାଷ ଜମିରେ ପଶି ଜଣେ ଯୁବକଙ୍କୁ ଦଳି ଦେଲା ନରହନ୍ତା ଦନ୍ତା। ଦିନ ଦ୍ୱି ପ୍ରହରେ ଏଭଳି ଏକ ଘଟଣା ଘଟିଛି ଦେବଗଡ ଥାନା ଅଧୀନ ବୁଢ଼ିବିଲ ଗ୍ରାମରେ। ବୁଢ଼ିବିଲ ଗ୍ରାମର ଈଶ୍ୱର ଛତ୍ରିଆଙ୍କ ଚାଷ ଜମିରେ ଧାନ କଟା ଚାଲିଥିବା ବେଳେ ଅନ୍ୟମାନଙ୍କ ସହ ମଜୁରିଆ ଭାବେ ଉକ୍ତ ଗ୍ରାମର ଲମ୍ବୋଦର ନାୟକ (ଲେମ୍ବୁ) ମଧ ସାମିଲ ଥିଲେ। ଅପରାହ୍ନ ପ୍ରାୟ ୨ଟାରେ ନିକଟସ୍ଥ ଜଙ୍ଗଲ ମଧ୍ୟରୁ ଏକ ହାତୀ ହଠାତ ଜମି ମଧ୍ୟକୁ ପଶିଆସି ଲମ୍ବୋଦରଙ୍କୁ ଆକ୍ରମଣ କରିଥିଲା। ଲମ୍ବୋଦର ଚାଷ ଜମି ମଧ୍ୟରେ ପଡିଯିବାରୁ ହାତୀ ତାଙ୍କୁ ଦଳି ଦେଇଥିଲା। ଏହା ଦେଖି ଅନ୍ୟମାନେ ଭୟରେ ଦୌଡି ପଳାଇଥିଲେ। ତାଙ୍କୁ ହାତୀ ଦଳିଦେଇ ଚାଲିଯିବା ପରେ ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଦେବଗଡ ପୋଲିସ ଡାକ୍ତରଖାନାରୁ ଶବ ଜବତ କରି ତଦନ୍ତ ଆରମ୍ଭ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଅନ୍ୟପକ୍ଷରେ ଦେବଗଡ ବନାଞ୍ଚଳ ଧିକାରୀ ଦେବଦତ୍ତ ନନ୍ଦ ଓ ଦେବଗଡ ଫରେଷ୍ଟର ଡାକ୍ତରଖାନାରେ ପହଞ୍ଚି ଲମ୍ବୋଦରଙ୍କ ସ୍ତ୍ରୀ ତନ୍ମୟୀଙ୍କୁ ଅନୁକମ୍ପା ମୂଳକ ସହାୟତା ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ବ୍ୟବଚ୍ଛେଦ ରିପୋର୍ଟ ପରେ ଅବଶିଷ୍ଟ ୩ ଲକ୍ଷ ୬୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ସୁନୀଲ ସାହୁ ସାଧାରଣ ସମ୍ପାଦକ

**ସମ୍ବଲପୁର,୨୮।୧୧(ବ୍ୟୁରୋ)**

**ଜିଲା କ୍ରୀଡ଼ା ସଂଘ ନିର୍ବାଚନ**



ସୁନିଲ କୁମାର ସାହୁ।



ଦୁଲାଲ ଚନ୍ଦ୍ର ପ୍ରଧାନ।



ମହମ୍ମଦ ସାବିର ଅହମ୍ମଦ।

ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ନିର୍ବାଚନ ରବିବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଭାବେ ସୁନିଲ କୁମାର ସାହୁ ନିର୍ବାଚିତ ହୋଇଛନ୍ତି। ସେହପରି ଦୁଲାଲ ଚନ୍ଦ୍ର ପ୍ରଧାନ ଓ ମହମ୍ମଦ ସାବିର ଅହମ୍ମଦ ଉପସଭାପତି ଏବଂ ଉମାପତି ତ୍ରିପାଠୀ କୋଷାଧ୍ୟକ୍ଷ ହୋଇଛନ୍ତି। ଏଥିସହ ଅବଦୁଲ ଗଫାର ଫୁଟ୍‌ବଲ ସମ୍ପାଦକ, ବିନୋଦ ଟପ୍ପୋ ହକି ସମ୍ପାଦକ, ଅଭିନାଶ ନନ୍ଦ କ୍ରିକେଟ ସମ୍ପାଦକ, ବିକାଶ ମିଶ୍ର ଆଥ୍‌ଲେଟିକ ସମ୍ପାଦକ, ରାଜେଶ ସେଟ ଗେମ୍ସ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ମନୋଜ କୁମାର ଭୋଇ, ପଦ୍ମନାଭ ନାୟକ, ବିଭୂତିଭୂଷଣ ମିଶ୍ର, ସୁବୋଧ କୁମାର ସାହୁ, ଶାନ୍ତନୁ କୁମାର ନନ୍ଦ, ଲକ୍ଷ୍ମୀଚନ୍ଦ୍ର ମହାକୁର, କୁନ୍ଦନ ପ୍ରଧାନ, ମନୋଜ ପଣ୍ଡା, ମହମ୍ମଦ ଇସାକ ଓ ରତିକାନ୍ତ ମହାନ୍ତି କାଉନସିଲ ସଭ୍ୟ ଭାବେ ବିଜୟୀ ହୋଇଛନ୍ତି। ଜିଲା କ୍ରୀଡା ଅଧିକାରୀ ଜୟଶ୍ରୀ ପାଢ଼ୀଙ୍କ ପରିଚାଳନାରେ ନିର୍ବାଚନ ହୋଇଥିଲା। ମୋଟ ୧୮୬ ଭୋଟଦାତାଙ୍କ ମଧ୍ୟରୁ ୧୮୧ଜଣ ନିଜର ମତଦାନ କରିଥିଲେ। ସଂଘରେ ଜିଲାପାଳ ସ୍ଥାୟୀ ସଭାପତି ଓ ଏସ୍‌ପି ଉପସଭାପତି ଭାବେ ରହିଥାନ୍ତି। ତେଣୁ ଉପରୋକ୍ତ ପଦବୀ ଲାଗି ନିର୍ବାଚନ ହୋଇଥିଲା।

## ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଘର ଜୋନାଲ ସମାବେଶ

**ସମ୍ବଲପୁର,୨୮।୧୧(ବ୍ୟୁରୋ)**

ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଘର ଜୋନ ସ୍ତରୀୟ ସମାବେଶ ରବିବାର ସମ୍ବଲପୁର ଅଇଁଠାପାଲିସ୍ଥିତ ଯାନ୍ତ୍ରିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ଗୋକୁଳି ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱ କରିଥିଲେ। ଜୋନାଲ ସମ୍ପାଦକ ସଦାଶିବ ବିଶୋଇ ବାର୍ଷିକ ବିବରଣୀ ପାଠ କରିଥିଲେ। ନାରାୟଣ ନାଗ, ମହେଶ୍ୱର ବେହେରା, ପ୍ରଦୀପ ପାଣିଗ୍ରାହୀ, ନିରଞ୍ଜନ କର, ମହେନ୍ଦ୍ର ମିଶ୍ର, ସୁରେଶ୍ୱର ପତି, ସଞ୍ଜୀବ ମିଶ୍ର ଯୋଗଦେଇ କର୍ମଚାରୀଙ୍କ ବିଭିନ୍ନ ସମାସ୍ୟା ବିଷୟରେ ଆଲୋଚନା କରିଥିଲେ। କର୍ମଚାରୀଙ୍କ ଦାବି ପ୍ରତି ରାଜ୍ୟ ସରକାର ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥିର କରାଯାଇଛି।

## ଫୁଟ୍‌ବଲ ଟୁର୍ନାମେଣ୍ଟ

**ରେଙ୍ଗାଲି,୨୮।୧୧(ଡି.ଏନ.ଏ.)**

ରେଙ୍ଗାଲି ବ୍ଲକ ଧୁବେନଛାପଲଠାରେ ଗୋକୁଳାଷ୍ଟମୀ ଯାତ୍ରା ଅବସରରେ ଗୋକୁଳାଷ୍ଟମୀ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଭୁଲିଆଡ଼ିହି ଓ କୁଚିଣ୍ଡା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁଲିଆଡ଼ିହି ଚାମ୍ପିୟନ ହୋଇଥିଲା। ଜେଏସ୍‌ଡବ୍ଲୁର ଭିପି ଧନଞ୍ଜୟ ସିହ୍ନା, ଅନ୍ୟ ଅଧିକାରୀ ମଧ୍ୟରେ ଗୋପାଳ ଶର୍ମା, ପୀୟୂଷ ମହାନ୍ତି, ଡେନିଶ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ରେଫେରି ଭାବେ ବିବେକାନନ୍ଦ ଓ କିଶୋର ଖେଳ ପରିଚାଳନା କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ଦିଆଯାଇଥିଲା।

# ମାତିଲଦା କୁଲୁ ସମ୍ବର୍ଦ୍ଧିତ

**ରାଉରକେଲା ଅଫିସ,୨୮।୧୧**

ଏଆଇଟିୟୁସି ରାଉରକେଲା ଜିଲା କାର୍ଯ୍ୟାଳୟରେ ରବିବାର ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ ଜିଲା କମିଟି ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଆଇଟିୟୁସିର ରାଜ୍ୟ ସଭାପତି ଅଶୋକ ଦାସ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଶ୍ରମିକନେତା ଏସ୍. କେ ଚାଟାର୍ଜୀ ଲାଲ ପତାକା ଉତ୍ତୋଳନ କରି ଏଆଇଟିୟୁସିର ଲଢ଼େଇ ଅତୁଳନୀୟ ବୋଲି ବର୍ଣ୍ଣନା କରିଥିଲେ। ଏହି ଅବସରରେ ଫୋବର୍ସ ଇଣ୍ଡିଆର ଶକ୍ତିଶାଳୀ ମହିଳା ତାଲିକାରେ ସ୍ଥାନ ପାଇଥିବା ସୁନ୍ଦରଗଡ଼ ଜିଲାର ଆଶାକର୍ମୀ ମାତିଲଦା କୁଲୁଙ୍କୁ ଏଆଇଟିୟୁସି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସମ୍ପାଦକ ସଦାନନ୍ଦ ସାହୁ ସଙ୍ଗଠନକୁ ଶକ୍ତିଶାଳୀ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାରେ ଜିଲାର ଏଆଇଟିୟୁସି ସହ ସହବନ୍ଧିତ ରାଉରକେଲା ଷ୍ଟିଲ ମଜଦୁର ୟୁନିୟନ, କୋଲ ମଜଦୁର ୟୁନିୟନ, କାଂଶବାହାଲ ମଜଦୁର ୟୁନିୟନ, ମୋଟର କର୍ମଚାରୀ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ନିକୋ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।




ଆଶାକର୍ମୀ ମାତିଲଦା କୁଲୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଆର୍‌ପିଡିଏସି ମାଧ୍ୟମରେ ସମସ୍ୟା ସମାଧାନ ନିର୍ଦ୍ଦେଶ

**ଝାରସୁଗୁଡ଼ା ଅଫିସ,୨୮।୧୧**

ବିଧାନସଭା ଉପବାଚସ୍ପତି ରଜନୀକାନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ରବିବାର ଝାରସୁଗୁଡ଼ା ଜିଲା ଗସ୍ତରେ ଆସି ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ର ଦ୍ୱାରା ବିସ୍ଥାପିତ ବିଭିନ୍ନ ଗ୍ରାମ ପରିଦର୍ଶନ କରିଥିଲେ। ଏହି ସମୟରେ ବିସ୍ଥାପିତ ଲୋକେ ସେମାନଙ୍କ ସମସ୍ୟା କମିଟି ଦୃଷ୍ଟିକୁ ଆଣିଥିଲେ। ସମଲେଶ୍ୱରୀ କୋଇଲାଖଣି ଦ୍ୱାରା ବିସ୍ଥାପିତ ଟିଙ୍ଗିଡିଗୁଡା ଗ୍ରାମର ମିର୍ଦ୍ଧାଡେରା ଥଇଥାନ କେନ୍ଦ୍ର, ଲଖନପୁର ଖୋଲାମୁହଁ କୋଇଲା ଖଣି ଦ୍ୱାରା ବିସ୍ଥାପିତ ଖଇରକୁନି, ଟିଙ୍ଗିସ୍‌ମାଲ୍ ଓ ଉବୁଡା ଗ୍ରାମ, ବେଲପାହାଡ଼ ଖୋଲାମୁହଁ କୋଇଲା ଖଣି ଦ୍ୱାରା ବିସ୍ଥାପିତ ଦର୍ଲିପାଲି, ଖଡାମ ଥଇଥାନ କେନ୍ଦ୍ର ଆଦି ପରିଦର୍ଶନ କରିଥିଲେ। ଏସବୁ ସ୍ଥାନରେ ରାସ୍ତା, ଆଲୋକୀକରଣ, ପାନୀୟଜଳ ଆଦି ମୌଳିକ ସୁବିଧା ଠିକ୍ ଭାବେ ହୋଇ ନ ଥିବାରୁ ଅଧ୍ୟକ୍ଷ ସିଂହ ଅସନ୍ତୋଷ ବ୍ୟକ୍ତ କରିଥିଲେ ।

ଏମ୍‌ସିଏଲ୍ ବିସ୍ଥାପିତ ଦର୍ଲିପାଲି ଗ୍ରାମବାସୀ ପାନୀୟ ଜଳ, ରାସ୍ତାଘାଟ, ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ନିଯୁକ୍ତି ଓ ଥଇଥାନ ସମସ୍ୟା ନେଇ କମିଟିର ଦୃଷ୍ଟି



ବୈଠକରେ ଉପସ୍ଥିତ ବିଧାନସଭା ଗୃହ କମିଟି ଅଧ୍ୟକ୍ଷ ଓ ଅନ୍ୟ ଅଧିକାରୀମାନେ।

**ବିଧାନସଭା ଗୃହ କମିଟିର ଝାରସୁଗୁଡ଼ା ଜିଲା ଗସ୍ତ**

ଆକର୍ଷଣ କରିଥିଲେ। ପରେ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲି ଇବ୍‌ଥର୍ମାଲ ପ୍ରକଳ୍ପ ରିସର୍ଚ୍ଚ ସେଣ୍ଟରରେ ଏକ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ଉପବାଚସ୍ପତି ସିଂହ, ବିଧାୟକ କିଶୋର ମହାନ୍ତି, ସ୍ପେସିଆଲ ସେକ୍ରେଟାରୀ (ଏନର୍ଜି) ଧନଞ୍ଜୟ ସ୍ୱାଇଁ, ଜିଲାପାଳ ସରୋଜ କୁମାର ସାମଲ, ଉପଜିଲାପାଳ ଶିବ ଟପ୍ପୋ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଆଲୋମଣି ସେଠି, ଇଡ୍‌କୋ ଅଧିକାରୀ ହେମାବତୀ ପାତ୍ର, ଏମ୍‌ସିଏଲ୍ ନିର୍ଦ୍ଦେଶକ (ଅପରେଶନ) ଓ.ପି. ସିଂହ, ନିର୍ଦ୍ଦେଶକ (ପର୍ସନାଲ) କେଶବ ରାଓ, ନିର୍ଦ୍ଦେଶକ (ଫାଇନାନ୍ସ) କେ.ଆର୍. ବାସୁଦେବନ, ଲଖନପୁର ଜିଏମ୍ ଅନିଲ କୁମାର ସିଂହ, ଇବ୍‌ଭ୍ୟାଲି ଜିଏମ୍ ଅନୁଆର ହୁସେନ, ଓରିଏଣ୍ଟ ଜିଏମ୍ ମହମ୍ମଦ ମିଆଁ, ଓପିଜିସି ଏମ୍‌ଡି ପ୍ରଶାନ୍ତ ମହାପାତ୍ର, ଲଖନପୁର ଖଣି ବିସ୍ଥାପିତ ଓ ଥଇଥାନ ସଂଗ୍ରାମ ସମିତି ସଭାପତି ବିରଞ୍ଚି ସାହୁ, ଉପଦେଷ୍ଟା ଗୋପୀନାଥ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ସାମଲ ବିସ୍ଥାପିତ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ବିଧାୟକ ମହାନ୍ତି ବିସ୍ଥାପିତଙ୍କ ନିଯୁକ୍ତି, ଥଇଥାନ, କ୍ଷତିପୂରଣ ଆଦି ସମସ୍ୟା ଉପସ୍ଥାପନା କରିଥିଲେ। ବିସ୍ଥାପିତଙ୍କ ପାଇଁ ରାଜ୍ୟ ସରକାରଙ୍କ ୨୦୦୬ ଓ ୨୦୧୩ ପୁନର୍ବାସ ଓ ଥଇଥାନ ନୀତି ରହିଛି। ଏହାକୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଅମାନ୍ୟ କରିଚାଲିଛନ୍ତି। ଏହାକୁ ନେଇ ଉପବାଚସ୍ପତି ସିଂହ ଉଦ୍‌ବେଗ ପ୍ରକାଶ କରି ଏମ୍‌ସିଏଲ୍ କର୍ତ୍ତୃପକ୍ଷ ନିଜ କମ୍ପାନୀର ନୀତିନିୟମ ଉପରେ ଗୁରୁତ୍ୱାରୋପ କରିଥିଲେ । ଏମ୍‌ସିଏଲ୍ ବିସ୍ଥାପିତଙ୍କ ବହୁବିଧ ସମସ୍ୟାକୁ ନେଇ ବହୁଶୀଘ୍ର ଆର୍‌ପିଡିଏସି ବୈଠକ ଆହ୍ୱାନ କରାଯିବ। ରାଜ୍ୟ ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତିକୁ କମ୍ପାନୀ ମାନିବାକୁ ବାଧ୍ୟହେବ। ଏଥିରେ ଏହାର ସମାଧାନ କରାଯିବ ବୋଲି ଉପବାଚସ୍ପତି କହିଛନ୍ତି। ଦର୍ଲିପାଲି ଗ୍ରାମର ବିସ୍ଥାପିତ ସମସ୍ୟାକୁ ସ୍ୱତନ୍ତ୍ରଭାବେ ବିଚାର କରାଯାଇ ୱାନ୍‌ଟାଇମ୍ ସେଟେଲ୍‌ମେଣ୍ଟ କରାଯିବ। ଫଳରେ ଗ୍ରାମବାସୀ ସେମାନଙ୍କ ହକ୍ ପାଇପାରିବେ ବୋଲି ଜିଲାପାଳ ସାମଲ କହିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୯ ନଭେମ୍ବର, ୨୦୨୧

## ୬ରୁ ଜିଲା ସିନିୟର ଇନଟ୍ରା ଡିଷ୍ଟ୍ରିକ୍ଟ କ୍ଲବ ମ୍ୟାଚ୍

ଦେବଗଡ଼,(ଡି.ଏନ.ଏ.): ଓଡିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଦେବଗଡ଼ ଜିଲା ସିନିୟର ଇନଟ୍ରା ଡିଷ୍ଟ୍ରିକ୍ଟ କ୍ଲବ ମ୍ୟାଚ ଆସନ୍ତା ଡିସେମ୍ବର ୬ ତାରିଖରୁ ଆରମ୍ଭ ହେବ। ଜିଲା କ୍ରିକେଟ ସଂଘ ପକ୍ଷରୁ ଏହି ସୂଚନା ମିଳିଛି। ଏଥିରେ ଜିଲାର ୫ଟି କ୍ଲବ ଯୋଗଦେଉଛନ୍ତି। ଆସନ୍ତା ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଧରି ଏହି ଲିଗ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ମ୍ୟାଚଗୁଡ଼ିକ ସ୍ଥାନୀୟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ବାମଣ୍ଡା କ୍ରିକେଟ କ୍ଲବ, ଦେବଗଡ଼, ଷ୍ଟାର ଇଲେଭେନ, କଲା, ମହାବୀର କ୍ରିକେଟ କ୍ଲବ, ଦେବଗଡ଼, ଫ୍ରେଣ୍ଡସ କ୍ଲବ ବୁଢ଼ାପାଲ, ଏବଂ ଟାଉନ କ୍ଲବ ଦେବଗଡ଼ ଦଳ ଯୋଗ ଦେଉଥିବା ଜଣାପଡ଼ିଛି।



# ସୁନା ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

ବଡ଼ଗାଁ, ୨୮।୧୧(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ପୋଷ୍ଟ ଅଫିସ ନିକଟ ରାଜ୍ୟ ରାଜପଥ-୧୦ପାର୍ଶ୍ୱରେଜଣେସୁନାବ୍ୟବସାୟୀଙ୍କୁଗୁଳିମାଡ଼ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଝାଡ଼ଖଣ୍ଡ ରାଜ୍ୟ ଚାଇଁବାସାରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜୀବ ସିଂ। ସୂଚନା ଅନୁସାରେ, ଗତ ମାର୍ଚ୍ଚ ୧ ପୂର୍ବାହ୍ନ ୯ଟାରେ ସୁନା ବ୍ୟବସାୟୀ ରୋହିତ ବର୍ମା ବଡ଼ଗାଁ ପୋଷ୍ଟ ଅଫିସ ନିକଟ ରାଜ୍ୟ ରାଜପଥ-୧୦ ପାର୍ଶ୍ୱରେ ଦେଇଥିବା ଦୋକାନ ଖୋଲୁଥିଲେ। ଏହି ସମୟରେ ୩ ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କୁ ଗୁଳିକରି ହତ୍ୟା କରିଥିଲେ ଏବଂ ୮ ଶହ ଗ୍ରାମ ସୁନା ଥିବା ବ୍ୟାଗ୍‌କୁ ଲୁଟି ନେଇଥିଲେ। ପୋଲିସ ଏହି ଘଟଣାର ତନାଘନା କରି ପୂର୍ବରୁ ୩ଜଣଙ୍କୁ ଗିରଫ କରିଥିଲା।

## ପ୍ରଥମ ପୃଷ୍ଠାରୁ...

### ଆରମ୍ଭରୁ...

ସୁଦ୍ଧା ବିକ୍ରି ହୋଇପାରିନାହିଁ। ବରଗଡ଼ ବ୍ଲକର କଳାପାଣି ମଣ୍ଡିକୁ ୫ଜଣ ଚାଷୀଙ୍କ ୬୯୮ ପ୍ୟାକେଟ୍ ଧାନ ଆସିଛି। କିନ୍ତୁ ତାହା ଏଯାଏ ବିକ୍ରି ହୋଇପାରିନାହିଁ। ଅନ୍ୟପଟେ ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ ମଣ୍ଡିଗୁଡ଼ିକ ଗତ ୨୫ତାରିଖରୁ ଖୋଲିଛି। ଏଠାରେ ରବିବାର ସୁଦ୍ଧା ୨୪ହଜାର ୮୮ ପ୍ୟାକେଟ୍ ଧାନ ସଂଗୃହୀତ ହୋଇଛି ଏବଂ ସେଥିରୁ ୨୧ହଜାର ୮୨୭ ପ୍ୟାକେଟ୍ ଧାନ ବିକ୍ରି ହୋଇଥିବା ଆର୍‌ଏମ୍‌ସି ସୂତ୍ରରୁ ଜଣାପଡ଼ିଛି। ପୂର୍ବବର୍ଷ ଏହି ସମୟରେ ଜିଲାର ସମସ୍ତ ୧୨ଟି ଯାକ ବ୍ଲକର ମଣ୍ଡିରେ ଧାନ କିଣାବିକା ଆରମ୍ଭ ହୋଇଥିଲା। କିନ୍ତୁ ଚଳିତବର୍ଷ ରବିବାର ସୁଦ୍ଧା ଜିଲାର ୩ଟି ବ୍ଲକରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି।

ବରଗଡ଼ ଆର୍‌ଏମ୍‌ସି ଅଧୀନ କଳାପାଣି ଗ୍ରାମର ଚାଷୀ ସୁରେଶ ନେକାଣ୍ଡି କହିଛନ୍ତି, ସେ ଗତ ୨୨ତାରିଖରୁ କଳାପାଣି ମଣ୍ଡିରେ ଧାନ ଭର୍ତ୍ତି କରିଛନ୍ତି। ଚାଷୀ ପଞ୍ଜୀକରଣ ସମୟରେ କରିଥିବା ଆବେଦନ ଫର୍ମରେ ତାଙ୍କ ଅମଳ ଧାନ ବିକ୍ରିଦିବସର ତାରିଖ ନଭେମ୍ବର ୧ରୁ ୧୫ତାରିଖ ବୋଲି ଉଲ୍ଲେଖ ରହିଛି। କିନ୍ତୁ ତାଙ୍କ ପାଖକୁ ଯେଉଁ ଏସ୍‌ଏମ୍‌ଏସ୍ ଆସିଛି, ସେଥିରେ ବିକ୍ରିଦିବସ ଡିସେମ୍ବର ୯ତାରିଖ ବୋଲି ଉଲ୍ଲେଖ ରହିଥିବା ସେ କହିଛନ୍ତି। ଫଳରେ ମଣ୍ଡିରେ ତାଙ୍କ ଧାନ ଥିଲେ ସୁଦ୍ଧା ତାକୁ କିଣାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଏଭଳି ଅନେକ ଚାଷୀ ଅଛନ୍ତି, ଧାନ ଅମଳ କରିସାରିଥିଲେ ମଧ୍ୟ ସେମାନଙ୍କୁ ଅମଳ ଧାନ ବିକ୍ରିପାଇଁ ଟୋକନ ମିଳି ପାରିନାହିଁ। ଅନ୍ୟପକ୍ଷରେ ଅମଳ କରି ନ ଥିବା ଚାଷୀଙ୍କ ପାଖକୁ ଟୋକନ ପହଞ୍ଚି ସାରିଛି। କଳାପାଣି ଗ୍ରାମର ଚାଷୀ ଏକାଦଶିଆ ସାହୁ କହିଛନ୍ତି, ସେ ୪ଶହ ପ୍ୟାକେଟ୍ ଧାନ କଳାପାଣି ମଣ୍ଡିରେ ରଖିଛନ୍ତି। ପରିଚୟ ପତ୍ର ପଞ୍ଜୀକରଣ ସମୟରେ ଉଦ୍ଦିଷ୍ଟ ଫର୍ମରେ ନଭେମ୍ବର ୧୫ତାରିଖ ସୁଦ୍ଧା ଧାନ ବିକ୍ରିଦିବସ ଉଲ୍ଲେଖ କରିଥିଲେ। ମାତ୍ର ଆଜି ସୁଦ୍ଧା ତାଙ୍କୁ ଟୋକନ ମିଳି ନ ଥିବା ଯୋଗୁ ସେ ଧାନ ବିକ୍ରି କରି ପାରିନାହାନ୍ତି। ଏ ନେଇ ବରଗଡ଼ ଆର୍‌ଏମ୍‌ସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆଙ୍କୁ ପଚାରିବାରୁ ଧାନ ସଂଗୃହୀତ ହୋଇଛି, କିନ୍ତୁ ବିକ୍ରି ହୋଇ ପାରି ନ ଥିବା ସେ କହିଥିଲେ।

### ଅପହରଣକାରୀଙ୍କୁ...

ବାଟରେ ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ଉଦ୍ୟମ କରି ବିଫଳ ହେବାରୁ ତାଙ୍କୁ ବନ୍ଧୁକରେ ମାଡ଼ ମାରି ଲହୁଲୁହାଣ କରିଦେଇଥିଲେ। କ୍ଷିପ୍ର ଗତିରେ ପାଲଲହଡା ଆଡ଼କୁ ଆସୁଥିବାବେଳେ ରାସ୍ତାରେ ଏକ ବାଇକ୍‌କୁ ଧକ୍କା ଦେଇ ପଳାଇ ଯାଉଥିବା ବେଳେ ଗାଡ଼ିର ଟାୟାର ଫାଟି ଯାଇଥିଲା। ସେହି ଅବସ୍ଥାରେ ମଧ୍ୟ କାର୍ ଚଲାଇ ଯାଉଥିବା ବେଳେ ପ୍ରାୟ ୧୨ କି.ମି. ଦୂର ବିଞ୍ଜାବାହାଲ ସ୍ଥିତ ନୂଆଡିହି ଗ୍ରାମ ନିକଟରେ ଏକ ପୋଖରୀ ହିଡ଼କୁ ଗାଡ଼ି ସାଇଡ୍ କରି ରଖିଥିଲେ। ଅପରାହ୍ନ ୨ଟାରେ ଟାୟାର ବଦଳାଇ ଫେରାର ହୋଇଯିବାକୁ ଉଦ୍ୟମ କରୁଥିବା ସମୟରେ ହଠାତ୍ ଗ୍ରାମବାସୀ ପହଞ୍ଚି ଘଟଣା ସମ୍ପର୍କରେ ଜାଣିପାରି ସେମାନଙ୍କୁ ମାଡ଼ ମାରି କାବୁ କରି ନେଇଥିଲେ। ଏହା ଦେଖି ବାଇକ୍‌ରେ ପଛରେ ଆସୁଥିବା ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଅଟକ ୨ ଅପହରଣକାରୀ ହେଲେ ଆଶିଷ ନାୟକ (୧୯) ଓ ବିଶ୍ୱଜିତ ସାହୁ (୨୫)। ତେବେ ସେମାନେ ବାରମ୍ବାର ନାମ ବଦଳାଉଥିବା ବେଳେ ତେଲକୋଇ ଥାନାରେ ଏସ୍‌ଡିପିଓ ପି.ଜେ. ଟପୋ ପହଞ୍ଚି ପଚରାଉଚୁରା ଜାରି ରଖିଛନ୍ତି। ସେମାନଙ୍କ ପରିଚୟ ମିଳିସାରିଛି। ସେମାନଙ୍କ ଘର ତାଳଚେର ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏନେଇ ଏକ ମାମଲା (ନଂ. ୧୫୨/୨୧) ରୁଜୁ କରି ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ଟପୋ କହିଛନ୍ତି।

### ଗନ୍ଧମାର୍ଦ୍ଦନରେ...

ଘଟଣାସ୍ଥଳରୁ ପୋଲିସ ଗୋଟିଏ ଇନ୍‌ସାସ୍ ରାଇଫଲ, ୭ଟି ଜୀବନ୍ତ ଗୁଳି, ଡିଟୋନେଟର, ମାଓବାଦୀ ପୁସ୍ତିକା, ଟର୍ଚ୍ଚ ଲାଇଟ୍, ମାଓବାଦୀଙ୍କ ଡ୍ରେସ୍, କିଛି ହାତଲେଖା ପୋଷ୍ଟର, ଦୁଇ ହଳ ଜୋତା ଜବତ୍ କରିଛି।

ଓଡ଼ିଶା ଆନ୍ଧ୍ରପ୍ରଦେଶ ସୀମାସଂଲଗ୍ନ ଅଞ୍ଚଳରେ ମାଓବାଦୀ ଅଭିଯାନ ସଫଳ ହେବାରୁ କେତେକ ମାଓବାଦୀ ପୁଣି ଥରେ ଓଡ଼ିଶା-ଛତିଶଗଡ ସୀମାରେ ସକ୍ରିୟ ହୋଇଥିବା ଅନୁମାନ କରାଯାଇଛି। ବଲାଙ୍ଗୀର, ବରଗଡ ଓ ନୂଆପଡା ଜିଲା ସୀମାରେଖାରେ ଅବସ୍ଥିତ ଗନ୍ଧମାର୍ଦ୍ଦନ ପାହାଡ ତଳ ଅଞ୍ଚଳରେ ଦୀର୍ଘଦିନ ପରେ ମାଓବାଦୀ କ୍ରିୟାକଳାପ ବୃଦ୍ଧି ପାଇବା ଏବଂ ମାଓବାଦୀ-ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇ ଜଣେ ମାଓବାଦୀ ଏରିଆ କମିଟି ସଦସ୍ୟଙ୍କ ମୃତ୍ୟୁ ଘଟିବା ଘଟଣା ପୁଣି ଥରେ ଖପ୍ରାଖୋଲ ଅଞ୍ଚଳ ଗ୍ରାମୀଣ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି।

### ଓଡ଼ିଶା ଜମିରେ...

ପାହାଡ ଓଡ଼ିଶା ସୀମା ଭିତରକୁ ପଶି ଚାଷ କାମ ଆରମ୍ଭ କରିଦେଲେଣି। ବର୍ତ୍ତମାନ ଏହି ସ୍ଥାନରେ ହରଡ (ଡାଲି ଜାତୀୟ) ଚାଷ କରିଛନ୍ତି ଛତିଶଗଡର ଚାଷୀ। ୨ ବର୍ଷ ପୂର୍ବେ ସିନାପାଲି ବନ ବିଭାଗ ଦ୍ୱାରା ସେହି ସ୍ଥାନରେ ଚାରା ରୋପଣ କରାଯାଇଥିଲା। ଏବେ ସେହି ସ୍ଥାନରୁ ଶାଗୁଆନ, ମହୁଲ, ଚାହାର ଭଳି ଅନେକ ମୂଲ୍ୟବାନ ଗଛ କାଟି ଛତିଗଡର ଲୋକେ ଚାଷ କରୁଛନ୍ତି। ଛତିଶଗଡବାସୀ ୪ ବର୍ଷ ହେଲା ଅକ୍ତିଆର କରି ଆଗରୁ ମକା ଚାଷ କରୁଥିବା ବେଳେ ଚଳିତବର୍ଷ ହରଡ ଚାଷ କରିଛନ୍ତି। ସୀମାବର୍ତ୍ତି ଅଞ୍ଚଳର ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଫଳରେ ଧୀରେ ଧୀରେ ସୀମାବର୍ତ୍ତି ଅଞ୍ଚଳକୁ ଛତିଶଗଡ କାୟାବିସ୍ତାର କରିବା ଓଡ଼ିଶା ସୀମାବର୍ତ୍ତି ଗାଁ ଲୋକମାନଙ୍କୁ ଚିନ୍ତାରେ ପକାଇ ଦେଇଛି। ସିନାପାଲି ବ୍ଲକ ନୂଆମାଲପଡା ଅଞ୍ଚଳରେ ୪ ବର୍ଷ ତଳେ ରାଜ୍ୟ ସୀମା ଅକ୍ତିଆର କରି ମକା ଚାଷ କରିଥିଲେ ଛତିଶଗଡ ଲୋକେ। ଏବେ ଛତିଶଗଡର ଲୋକେ ବୃନବୃନି ପାହାଡ ଜଙ୍ଗଲ କାଟି ହରଡ ଚାଷ କରିଛନ୍ତି ବୋଲି ଖନ୍ଦାପଡା ଓ ନୂଆଁମାଲପଡା ଲୋକେ ଅଭିଯୋଗ କରିଛନ୍ତି। ଓଡ଼ିଶା ଲୋକେ ଛତିଶଗଡର ସାପ୍ତାହିକ ବଜାରକୁ ଗଲେ ମାରପିଟ କରୁଥିବା ଅଭିଯୋଗ କରୁଛନ୍ତି। ଏ ସଂକ୍ରାନ୍ତରେ ସିନାପାଲି ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ମାଝିଙ୍କୁ ପଚାରିବାରୁ ମୁଁ ଏ ସମ୍ପର୍କରେ ଜାଣି ନ ଥିଲି। ଆପଣମାନେ କହିବାରୁ ଜାଣିଲି, ଏହାର ତଦନ୍ତ କରି ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ। ନୂଆପଡା ଉପଜିଲାପାଳ ତରୁଣୀସେନ ନାଏକଙ୍କୁ ପଚାରବାରୁ ଏଇଟା ଆମର ନୁହେଁ ଜଙ୍ଗଲ ବିଭାଗ ଏସବୁ ବୁଝିବେ ବୋଲି କହିଥିଲେ।

### ମୁଖ୍ୟସ୍ରୋତରେ...

କମିଚାଲିଛି। ଓଡିଶା ପୋଲିସର ମାଓବାଦୀ ବିରୋଧୀ ଅଭିଯାନ ଖୁବ୍ ସଫଳ ରହିଛି। ଏହିକ୍ରମରେ ଶନିବାର ଖପ୍ରାଖୋଲ ଥାନା ଅନ୍ତର୍ଗତ ଯୁନାନୀବାହାଲରେ ମାଓବାଦୀ-ପୋଲିସ ଗୁଳି ବିନିମୟ ହୋଇଥିଲା। ସ୍ଥାନୀୟ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଛୋଟ ପୋଲିସ ଓ ଡିଭିଏଫ୍ ଟିମ୍ ସେହି ଗାଁକୁ ଯାଇଥିଲେ। ସେଠାରେ ପ୍ରଥମେ ପୋଲିସ ଉପରକୁ ମାଓବାଦୀମାନେ ଗୁଳିଚାଳନା କରିଥିଲେ। ସେହି ଗୁଳି ବିନିମୟ ବେଳେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ଶଙ୍କର। ପୋଲିସ ଲିଷ୍ଟରେ ତାଙ୍କ ନାଁ ରହିଥିଲା। ପୋଲିସ ଟିମ୍ ଛୋଟ ହେଲେ ମଧ୍ୟ ସାହସ ଦେଖାଇଥିଲା। ଏଣୁ ବଲାଙ୍ଗୀର ପୋଲିସ ଟିମ୍‌କୁ ସେ ପ୍ରଶଂସା କରିଥିଲେ। ଡିଆଇଜି ଅଭୟ ଆହୁରି କହିଥିଲେ ମାଓବାଦୀ ସମସ୍ୟାର ସମାଧାନ ଅଛି। ଯେତେ ଅଳ୍ପ ମାଓବାଦୀ ଅଛନ୍ତି ସେମାନେ ଦେଶର ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ। ଓଡିଶା ସରକାରଙ୍କ ଖୁବ୍ ଭଲ ମାଓବାଦୀ ଥଇଥାନ୍ ଓ ଆତ୍ମସମର୍ପଣ ନୀତି ରହିଛି। ମାଓବାଦୀମାନେ ମାରଣାସ୍ତ୍ର ସହ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ ବୋଲି ଅଭୟ ଆହ୍ୱାନ କରିଥିଲେ। ଏହି ଅବସରରେ ସେ ମାଓବାଦୀ ଅଭିଯାନ ଉପରେ ସମୀକ୍ଷା କରିଥିଲେ। ପୋଲିସ ଡିଜି ଅଭୟଙ୍କ ସହ ଆଇଜି ଅପରେଶନ୍ ଅମିତାଭ ଠାକୁର, ଡିଆଇଜି ଏସ୍‌ଆଇଡବ୍ଲ୍ୟୁ ଅନିରୁଦ୍ଧ ସିଂ, ଉତ୍ତରାଞ୍ଚଳ ଡିଆଇଜି ଡା ଦୀପକ କୁମାର, ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର ଉପସ୍ଥିତ ଥିଲେ।

# ପରିଚୟ ବଜାୟ ରଖିଛି ସୁବର୍ଣ୍ଣରେଖା



ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା ଅଫିସ,୨୮।୧୧

ରାଉରକେଲା ବାସନ୍ତୀ କଲୋନୀ ସ୍ଥିତ ବ୍ୟାସଭବନ ପରିସରରେ ରବିବାର ସୁବର୍ଣ୍ଣରେଖାର ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ସଭାପତି ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣରେଖା ଅନୁଷ୍ଠାନ ସହରରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରି ନିଜର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। ପରେ ମୁଖ୍ୟଅତିଥି ସୁବର୍ଣ୍ଣରେଖାର ୱେବ୍‌ସାଇଟ ଓ ରଜତ ଜୟନ୍ତୀ ଲୋଗୋ ଉନ୍ମୋଚନ କରିଥିଲେ। ଲୋକସମ୍ପର୍କ ବିଭାଗ ସଦସ୍ୟ ଅନୀଲ କୁମାର ଦାଶ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ଡାକୁଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ରଙ୍ଗୋଲି ଭଳି ୮ଟି ପ୍ରତିଯୋଗିତା କରାଯାଇଥିଲା। ଅରକ୍ଷିତ ଆଦକ, କମଳାକାନ୍ତ ପ୍ରଧାନ, ମହେନ୍ଦ୍ର ମହାଳିକ, କବିନ୍ଦ୍ର ନାରାୟଣ ଦେଓ, ବିବି ରଣା, ଅଜିତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଏନ୍‌ସିସି ଦିବସରେ ସାମରିକ କଳାକୌଶଳ ପ୍ରଦର୍ଶନ


ସୁନ୍ଦରଗଡ଼ କଲେଜରେ ଏନ୍‌ସିସି ଦିବସ ପାଳନ କରାଯାଉଛି।

ସୁନ୍ଦରଗଡ,୨୮।୧୧(ଡି.ଏନ୍.ଏ)

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ରବିବାର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏନ୍‌ସିସି କ୍ୟାଡେଟ ମାନେ ସୁନ୍ଦରଗଡ ପୌରପାଳିକାର ସଫେଇ କର୍ମଚାରୀ ମାନଙ୍କ ସହ ଏହି ଦିବସଟିକୁ ପାଳନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଲଳିତ ରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏନ୍‌ସିସିର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଫେଇ କର୍ମଚାରୀମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ପରେ ଏନ୍‌ସିସି କ୍ୟାଡେଟ ମାନେ ସାମରିକ କଳା କୌଶଳ ପ୍ରଦର୍ଶନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଏନ୍‌ସିସି କ୍ୟାଡେଟ ଏକାଦଶ ଓ ମହାବିଦ୍ୟାଳୟର କର୍ମଚାରୀ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ହୋଇଥିଲା। ଏଥିରେ କର୍ମଚାରୀ ଏକାଦଶ ବିଜୟୀ ହୋଇଥିଲେ। ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ଡଃ କୁମୁଦିନୀ ରାଉତରାୟ, ବିଭୂତି ଭୂଷଣ ସାହୁ, ବିନୋଦ ବିହାରୀ ମଲ୍ଲିକ, ଡଃ ଆଶୁତୋଷ ଝା, ଡଃ ହରପ୍ରସାଦ ମହାପାତ୍ର, ସରୋଜ କୁମାର ପୂଜାରୀ, ପ୍ରଭାକର ସେଠୀ, ସୌମ୍ୟା ବାରିକ, ରାଧାନାଥ ମିଶ୍ର, ସତ୍ୟ ଶୋଭନ ସୋରେନ, ପ୍ରତାପ ତ୍ରିପାଠୀ, ପ୍ରଦୀପ ବହିଦାର, ସୁଜିତ ପଟେଲ, ଅଂଶୁମାନ ଲୋହାର, ଶ୍ରୀକାନ୍ତ ନାଏକ, ପିଙ୍କୁ ଓରାମ, ମାଳତୀ କୁମ୍ଭକାର, ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ପୁରାତନ ଛାତ୍ର ସଂଘର ଗୋବିନ୍ଦ ଚନ୍ଦ୍ର ସୁଆର ଉପସ୍ଥିତ ଥିଲେ।

## ସଡକ ସୁରକ୍ଷା ସଚେତନତା ଅଭିଯାନ

ରାଉରକେଲା ଅଫିସ,୨୮।୧୧

ସ୍ୱେଚ୍ଛାସେବୀ ସଙ୍ଗଠନ ଶାରଳା ପରିବାର ପକ୍ଷରୁ ରାଉରକେଲା ଆମ୍ବଗାନ ଛକରେ ଆର୍‌ଟିଓ ଓ ରାଉରକେଲା ପୋଲିସର ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ରବିବାର ଅନୁଷ୍ଠିତ ହୋଇଛି। ସଙ୍ଗଠନ ସଭାପତି ପ୍ରଭାତ କିଶୋର ସ୍ୱାଇଁ ଓ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦ୍ରୁତଗତିରେ ଗାଡ଼ି ନ ଚଳାଇବା, ସିଟ୍‌ବେଲ୍ଟ ବାନ୍ଧିବା ସହ ବାଇକ ଚାଳନା ସମୟରେ ହେଲମେଟ୍ ବ୍ୟବହାର କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିରେ ମୋଟରଯାନ ନିରୀକ୍ଷକ ପର୍ଶୁରାମ ସାହୁ, ଜୁନିୟର ମୋଟରଯାନ ନିରୀକ୍ଷକ ସାବିତ୍ରୀ ହେମ୍ବ୍ରମ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଆମ୍ବଗାନ ଛକରୁ ଏକ ରାଲି ବାହାରିଥିଲା।

## ଦୁର୍ଘଟଣାରେ ଦମ୍ପତି ଆହତ

ବଡ଼ଗାଁ, ୨୮।୧୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବାଇବାଇ ଗାଁ ନିକଟ ରାଜ୍ୟ ରାଜପଥ-୧୦ରେ ରବିବାର ଭାରିଯାନ ଧକ୍କାରେ ଏକ ଦମ୍ପତି ଆହତ ହୋଇଛନ୍ତି। ଉକ୍ତ ଆହତ ଦମ୍ପତି ବଡଗାଁ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅପରାହ୍ନ ୪ଟାରେ ତଳସରା ଥାନା ଅଧୀନ ଯମୁନା ଗାଁର ରମେଶ ପଟେଲ (୫୯) ସ୍ତ୍ରୀ ଦୁର୍ଗାବତୀ (୫୪)ଙ୍କୁ ବାଇକ୍‌ରେ ରାଉରକେଲା ମେଡିକାଲ ନେଉଥିଲେ। ଏହି ସମୟରେ କୌଣସି ଭାରିଯାନ ତାଙ୍କୁ ପଛପଟୁ ଧକ୍କା ଦେବାରୁ ଉଭୟ ଛିଟିକି ପଡ଼ିଥିଲେ। ରମେଶ ହେଲମେଟ ପିନ୍ଧିଥିବାରୁ ଅଳ୍ପକେ ବର୍ତ୍ତିଯାଇଥିଲେ।

# ଫୁଟବଲ: ପଞ୍ଝୁପଡ଼ା ଚାମ୍ପିୟନ

କୁତ୍ରା,୨୮।୧୧(ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପୂର୍କାପାଲି ଗ୍ରାମରେ ହିଟଲର କ୍ଲବ ପକ୍ଷରୁ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ବାଗବୁଡ଼ ଓ ପଞ୍ଝୁପଡା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଖେଳ ଆରମ୍ଭରୁ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ଥିଲା। ଦୁଇ ଦଳ ସମାନ ସ୍ଥିତିରେ ରହିବାରୁ ପେନାଲ୍ଟି ସୁଟ୍ ଆଉଟ୍‌ର ସାହାଯ୍ୟ ନିଆଯାଇଥିଲା। ଏଥିରେ ପଞ୍ଝୁପଡା ଦଳ ବିଜୟୀ ହୋଇଥିଲା ଓ ବାଗବୁଡ଼ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। କମିଟି ପକ୍ଷରୁ ଉଭୟ ଦଳକୁ ପୁରସ୍କୃତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ଜଳନ୍ଧର ସା ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରେଫରୀ ପ୍ରଭାସ ଅଡ଼ଆ ଓ ଜେନାମଣି ଟପ୍ପୋ ଖେଳ ପରିଚାଳନା କରିଥିଲେ। ହିଟଲର କ୍ଲବ ସଦସ୍ୟ ବବଲୁ ଅଡ଼ା, ଦିବାନା ସା, ପରୀକ୍ଷିତ ସା ପ୍ରଦୀପ ସା, ପ୍ରଶାନ୍ତ ସା, ରମେଶ ସା, ସନ୍ତୋଷ ସା ପ୍ରମୁଖ ସହଯୋଗ କରିଥିଲେ।

# ଡାଲମିଆ କଲେଜର ଏନ୍‌ସିସି ଦିବସ


ରାଜଗାଙ୍ଗପୁର ଖେଳ ପଡିଆରେ ଏନ୍‌ସିସି ଦିବସ ପାଳନ କରାଯାଉଛି।

କୁତ୍ରା,୨୮।୧୧(ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡା ସ୍ଥିତ ଡାଲମିଆ ମହାବିଦ୍ୟାଳୟ ପକ୍ଷରୁ ରବିବାର ୭୩ତମ ଏନ୍‌ସିସି ଦିବସ ରାଜଗାଙ୍ଗପୁର ଖେଳ ପଡିଆରେ ପାଳିତ ହୋଇଛି। ଏଥିରେ ରାଜଗାଙ୍ଗପୁର ଥାନାଧିକାରୀ ବିଭସ୍ୟ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ଥାନାଧିକାରୀ ପ୍ରଧାନ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଏବଂ ଦେଶ ସେବା କରିବା ପାଇଁ ଏନସିସି ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ମାର୍ଚ୍ଚ ପାଷ୍ଟ ଏବଂ ଡ୍ରିଲ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜଗାଙ୍ଗପୁର ସରବତୀ ଦେବୀ ମହିଳା ମହାବିଦ୍ୟାଳୟ, ନିର୍ମଳା କଲେଜ ଓ ଅରବିନ୍ଦ ସ୍କୁଲର ଏନ୍‌ସିସି ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ଉନ୍ନୟନ କାର୍ଯ୍ୟର ଶୁଭ ଦେଲେ ବିଧାୟିକା


ବିଧାୟିକା କୁସୁମ ଟେଟେ ଉନ୍ନୟନ କାମର ଶୁଭ ଦେଉଛନ୍ତି।

ସୁନ୍ଦରଗଡ଼,୨୮।୧୧(ଡି.ଏନ.ଏ)

ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ ରବିବାର ସଦର ବ୍ଲକ ଅନ୍ତର୍ଗତ ଭେଡାବାହାଲ ଗ୍ରାମପଞ୍ଚାୟତରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଶୁଭ ଦେଇଛନ୍ତି। ସେ ପଞ୍ଚାୟତର ତାମିବାହାଲରେ ଏକ ଖୋଲାମଞ୍ଚ, ବଗିଆପଡାରେ ଗୋଷ୍ଠୀକେନ୍ଦ୍ର, ସମରଡ଼ିହି ଓ ବାଙ୍କୀବାହାଲରେ ଖୋଲାମଞ୍ଚ, ଭେଡାବାହାଲ ଜଗନ୍ନାଥ ମନ୍ଦିର ଓ ହନୁମାନ ମନ୍ଦିରର ପାଚେରୀ ନିର୍ମାଣ ସହ ଏକ ନୂତନ ଗୋଷ୍ଠୀକେନ୍ଦ୍ର, ପତ୍ରାପାଲିରେ ଗୋଷ୍ଠୀ କେନ୍ଦ୍ର, ପୋଡ଼ବାହାଲଠାରେ ଏକ ଖୋଲାମଞ୍ଚ ପାଇଁ ବିଧାୟିକା ଟେଟେ ଶୁଭ ଦେଇଥିଲେ। ଏହାପୂର୍ବରୁ ସମରଡ଼ିହି ଓ ଗାଏଜୋରରେ ନୂତନ ବନ ସୁରକ୍ଷା ଗୃହକୁ ସେ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟିକାଙ୍କ ସଦର ବ୍ଲକ ପ୍ରତିନିଧି ଭୀମସେନ ନାୟକ, କିରେଇ ଭାଜପା ମଣ୍ଡଳ ସଭାପତି ପ୍ରଦୀପ ଚୌଧୁରୀ ଏବଂ ଯୁବନେତା ଅରବିନ୍ଦ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ସୂର୍ଯ୍ୟ ଉପାସନାର ସାମାଜିକ ବାର୍ତ୍ତା

## କୋଣାଦିତ୍ୟରେ ଜଗତମଙ୍ଗଳ କାମନାର ଉପାସନା

ଡ. ସୁରେନ୍ଦ୍ର କୁମାର ମିଶ୍ର




ଉତ୍ସବକୁ ଐତିହ୍ୟରେ କିପରି ପରିଣତ କରିଥିଲା ଓଡ଼ିଆ ଜାତି ଗୋଟିଏ ଗଣପର୍ବରୁ ତାହା ବିଚାର କଲେ। ସୂର୍ଯ୍ୟଙ୍କ ଉପାସନାର ଶାସ୍ତ୍ରୀୟ ରହସ୍ୟ କିପରି କୋଣାଦିତ୍ୟରେ ପ୍ରଚଳିତ ଥିଲା ତାହା ବି ଅନୁଶୀଳନ କରିବା କଥା। ଅର୍କକ୍ଷେତ୍ରରେ ଉପରଠାଉରିଆ ଉତ୍ସବ କି ଉପାସନା ହେଉ ନ ଥିଲା। ତାହା ମନୋବିଜ୍ଞାନ ଏବଂ ସମାଜବିଜ୍ଞାନ ସମ୍ମତ।

ସନାତନ ପରମ୍ପରାରେ ସୂର୍ଯ୍ୟ ହେଉଛନ୍ତି ପୃଥିବୀର ଚକ୍ଷୁ। ବେଦର ରହସ୍ୟ ଅନୁଯାୟୀ ସେ ଦେହ ଭିତରେ ଅଛନ୍ତି; ବାହାରେ ବି। ଜଗତ ପାଇଁ ସେ ଶକ୍ତି ବିକିରଣ କରନ୍ତି। ଆଉ ଶରୀର ପାଇଁ! ଶରୀରରେ ଦିବ୍ୟଚେତନାକୁ ପ୍ରକାଶ କରାନ୍ତି। ଋଷି ପରମ୍ପରାରେ ଏଥିପାଇଁ ଜ୍ଞାନର ଶକ୍ତି ଗାୟତ୍ରୀଙ୍କୁ ମାଧ୍ୟମ କରାଯାଏ। ତେଣୁ କୁହାଯାଇଛି ସୂର୍ଯ୍ୟମଣ୍ଡଳର ଶକ୍ତି ହେଉଛନ୍ତି ଗାୟତ୍ରୀ। ଶକ୍ତିର ସ୍ରୋତ ଭାବରେ ଗାୟତ୍ରୀଙ୍କୁ ଉପାସନା କରାଯାଏ। ଦିବ୍ୟତା ତାଙ୍କରି ଦ୍ୱାରା ପ୍ରକାଶିତ ହୁଏ।

ସକାଳେ ସେ ବ୍ରହ୍ମା। ସୃଷ୍ଟି କାର୍ଯ୍ୟ କରନ୍ତି। ସେଥିପାଇଁ କୁହାଯାଏ ବ୍ରହ୍ମଶକ୍ତି ଗାୟତ୍ରୀ। ମଧ୍ୟାହ୍ନରେ ସେ ଦେବଦେବ ମହାଦେବ ହୁଅନ୍ତି। ଜଗତ ଗ୍ରହଣ କରିଥିବା ସୂର୍ଯ୍ୟଙ୍କ ତାପକୁ ଦ୍ରବୀଭୂତ କରନ୍ତି। ମହାକାଳଙ୍କର ଅନ୍ୟତମ ଶକ୍ତି। ସନ୍ଧ୍ୟାରେ ସେ ବିଷ୍ଣୁ ରୂପରେ ପ୍ରକାଶ ହୁଅନ୍ତି। ସମୟ ଅନୁଯାୟୀ ସୂର୍ଯ୍ୟଶକ୍ତି ଚଳଚଞ୍ଚଳ କରାନ୍ତି ପୃଥିବୀକୁ। କେବଳ ସେତିକି ନୁହେଁ 'ତ୍ରିକାଳ ମହାମାୟା ଅର୍ଚ୍ଚନାବିଧି'ରେ କୁହାଯାଇଛି ପୃଥିବୀରେ ସମସ୍ତ ତ୍ରୁଟି ଓ ଦୋଷକୁ ସେ ଅପସାରଣ କରନ୍ତି।


ସୂର୍ଯ୍ୟାସ୍ତ ସମୟ। ବିଷ୍ଣୁ ରୂପରେ ଶ୍ରୀସୂର୍ଯ୍ୟନାରାୟଣ। *ଫଟୋ: ଯଜ୍ଞେଶ୍ୱର ମହାନ୍ତି, ପୁରୀ*

'ତ୍ରିକାଳ ମହାମାୟା ଅର୍ଚ୍ଚନା ବିଧି' ପୋଥି ଅନୁସାରେ ଆମର ଅର୍କତୀର୍ଥରେ ଉପାସନା ହେଉଥିଲା। ଏଥିରେ ଜଗତମଙ୍ଗଳ କାମନା ମୂଳ ରହସ୍ୟ। କାହିଁକି ନା ବ୍ରହ୍ମବିଦ୍ୟାର ୟେ ହେଉ ସାରତତ୍ତ୍ୱ। ଆମର ପୂର୍ବପୁରୁଷମାନେ ବୁଝିଥିଲେ ଅନ୍ତରୀକ୍ଷରେ ସୂର୍ଯ୍ୟ ଗତି କଲାବେଳେ 'କିରଣ' ମାଧ୍ୟମରେ 'ତାପ' ଦେଇଥାନ୍ତି। ତା'ପରେ ଶକ୍ତି ଭରି ଦିଅନ୍ତି ଗାୟତ୍ରୀ। ସେଇ ତାପ ଆମକୁ ଶକ୍ତିମୟ କରିଥାଏ। ସୂର୍ଯ୍ୟ ରଥରେ ଗତି କଲେ ଶରୀର ରୂପକ ରଥରେ ବର୍ଣ୍ଣମାତୃକା ଗତିଶୀଳ ହୁଅନ୍ତି। ଯାକୁ ସବୁ ଆମ ପଣ୍ଡିତେ ବୁଝିଥିଲେ। ତାକୁ ଉପାସନା ମାଧ୍ୟମରେ ଲୋକ-ସ୍ତରରେ ପ୍ରଚଳନ କରିଥିଲେ। ବ୍ଲାକ୍‌ପାଗୋଡ଼ା କହୁଥିବା ଏବଂ ମିଥୁନ ମୂର୍ତ୍ତିରେ ଅଟକି ରହିଥିବା ବାହାରିଆ ପଣ୍ଡିତମାନେ ରହସ୍ୟ ଭେଦ ନ କରି ଯା' ଇଚ୍ଛା ତା' ଲେଖିଦେଇ ଗଲେ। ନା ବୁଝିଥିଲେ ତୀର୍ଥର ସାମାଜିକ ତତ୍ତ୍ୱ ନା ବୁଝିଥିଲେ ଉପାସନାର ଜଗତମଙ୍ଗଳ କାମନା!

ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ୧୬ଟି ତାଳବରଡ଼ା ପତ୍ରରେ ଲେଖାସରିଥିଲା ଗାୟତ୍ରୀଙ୍କ ରହସ୍ୟ। ମହାଗାୟତ୍ରୀ ମନ୍ଦିର ଶୈଳୀ ପ୍ରଥମେ ଏହି ଓଡ଼ିଆ ଅକ୍ଷର ପୋଥିରୁ ମିଳେ। ଭାଷା ସଂସ୍କୃତ ଓ ଲିପି ଓଡ଼ିଆରେ ଅଙ୍କା ହୋଇଥିଲା ଗାୟତ୍ରୀ ଯନ୍ତ୍ର। ସେ ଯନ୍ତ୍ର ଅଷ୍ଟଦଳ ପଦ୍ମର। ପ୍ରତ୍ୟେକ ଦଳରେ ଗୋଟିଏ ଗୋଟିଏ ଶକ୍ତି ସଂପୁଟ ହୋଇଛନ୍ତି। ଗାୟତ୍ରୀଙ୍କ ମନ୍ତ୍ର ତଥା ଧ୍ୟାନର ପ୍ରଭାବ କ'ଣ ଓ କେତେ! ସବୁ ଲେଖିସାରିଥିଲେ ଓଡ଼ିଆ ପଣ୍ଡିତେ। ପୁରୀର ବାସୁଦେବ ରଥେ ପ୍ରଥମେ ଏଇ ପୋଥିକୁ କୁଜଙ୍ଗର ଜଗନ୍ନାଥ ତ୍ରିପାଠୀଙ୍କଠାରୁ ସଂଗ୍ରହ କଲାପରେ ଲୋକଲୋଚନକୁ ଆସିଥିଲା।

କୋଣାଦିତ୍ୟରେ ସୂର୍ଯ୍ୟ ଉପାସନା କୌଣସି ଖିଆଲରେ ଓଡ଼ିଆ ବିକଶିତ କରି ନ ଥିଲେ। ଓଡ଼ିଶାର ଗଜପତି ମନର ଓରମାନ ମେଣ୍ଟେଇବାକୁ ସଉକରେ ଶାସ୍ତ୍ରୀୟ ଭିତ୍ତିଭୂମି ଉପରେ ମାନଶାଳା ସଦୃଶ ମନ୍ଦିରଟିଏ ଗଢ଼େଇ ନ ଥିଲେ। ଅକଥନୀୟ ଅତ୍ୟାଚାର କରି ନ ଥିଲେ ଓଡ଼ିଆ ଶିଳ୍ପୀଙ୍କ ଉପରେ। ସବୁ ସହମତିରେ ସହଯୋଗରେ ତଥା ସହାନୁଭୂତିରେ ସାକାର ହୋଇଥିଲା। ବିଶ୍ୱ ମଙ୍ଗଳ କାମନା ରହିଥିଲା ଏହାର ପଛଭାଗରେ। ଜଗତର ହିତ ପାଇଁ ଗାୟତ୍ରୀଶକ୍ତିଯୁକ୍ତ ସୂର୍ଯ୍ୟ ଉପାସନା ଆରମ୍ଭ ହୋଇଥିଲା ଖ୍ରୀଷ୍ଟପୂର୍ବରୁ। ରହସ୍ୟକୁ ଭେଦ କଲେନି ଯେଉଁମାନେ ସେମାନେ ଆମକୁ, ଆମ ଶିଳ୍ପୀଙ୍କୁ, ଆମ ପରମ୍ପରାକୁ ଟାହିଟାପରା କଲାପରି ମାନସିକତାରେ ପ୍ରସ୍ତୁତ ହେଲେ। ଲେଖିଲେ ମଧ୍ୟ। ଆମ ମନରେ ହୀନମନ୍ୟତା ସୃଷ୍ଟି କରିବାକୁ ସେଗୁଡ଼ିକ ସହାୟକ ହେଲା!!

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୯ ନଭେମ୍ବର, ୨୦୨୧



## ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଡିଡିୟୁଜିକେୱାଇ ଜିଲା ସଂଯୋଜକ ମୁକେଶ ସିଂ, ଦକ୍ଷତା ବୃଦ୍ଧି ସଂଯୋଜକ ସତ୍ୟବ୍ରତ ସିଂ ସିଲେଇ, ପାଇପ କାରିଗର ଉପରେ ନିଯୁକ୍ତି ସହ ପଲିଟେକନିକ ତାଲିମ ଉପରେ ପରାମର୍ଶ ଦେଇଥିଲେ। ଶିବିରରେ ଛଅଟି ଦକ୍ଷତା ତାଲିମ କେନ୍ଦ୍ରର ପ୍ରତିନିଧିମାନେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ବିପିଏମ ମନୋଜ କେର୍କେଟା ଓ ବିପିସି ପ୍ରଶାନ୍ତ ନନ୍ଦ ପରିଚାଳନା କରିଥିଲେ। ଡିଡିୟୁଜିକେୱାଇ ଓ ଓରମାସର ମିଳିତ ଉଦ୍ୟମରେ ଶିବିର ଆୟୋଜିତ ହୋଇଥିଲା।

# ସୁରକ୍ଷା, ସମ୍ମାନ ଉପରେ ଗୁରୁତ୍ୱ

- ଏକାଠି ହେଲେ ୭ ଜିଲାର ଡ୍ରାଇଭର
- ଦାବି ପୂରଣ ନ ହେଲେ ଜୋରଦାର ଆନ୍ଦୋଳନ

ମୁରିବାହାଲ,୨୮।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ଧନୁଯାତ୍ରା ପଡିଆରେ ରବିବାର ଓଡିଶା ଡ୍ରାଇଭର ମହାସଂଘ ଅଧୀନ ୭ଟି ଜିଲାର ଡ୍ରାଇଭରମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଜିଲା ଡ୍ରାଇଭର ସଂଘ ସଭାପତି ଅଚ୍ୟୁତ ସେଟଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଡ୍ରାଇଭର ସଂଘ ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମେଣ୍ଡଲି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମେଣ୍ଡଲି ତାଙ୍କ ବକ୍ତବ୍ୟରେ ଡ୍ରାଇଭରମାନେ ସମ୍ମାନର ସହ କିଭଳି ସମାଜରେ ବଞ୍ଚି ପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ନ୍ୟାର୍ଯ୍ୟ ଦାବି ହାସଲ ଓ ସମ୍ବିଧାନ ପ୍ରଦତ୍ତ ଅଧିକାରର ସୁରକ୍ଷା ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଆବଗତ କରାଯାଇଛି। ଆସନ୍ତା ୧ ତାରିଖ ସୁଦ୍ଧା ସେ ଦିଗରେ କୌଣସି ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ



ବୈଠକରେ ଉପସ୍ଥିତ ଡ୍ରାଇଭରମାନେ।

ଆନ୍ଦୋଳନ ତୀବ୍ର ହେବ ବୋଲି ମେଣ୍ଡଲି କହିଛନ୍ତି। ସମ୍ମାନୀତ ଅତିଥିଭାବେ ଡ୍ରାଇଭର ସଂଘ ସାଧାରଣ ସମ୍ପାଦକ ଚୌତନ୍ୟ ପଧାନ, ରାଜ୍ୟ ଉପସଭାପତି ସୁମନ ଆଲବିଆ, ସହସମ୍ପାଦକ ଘନଶ୍ୟାମ ବେହେରା, କୋଷାଧ୍ୟକ୍ଷ ଆଦିତ୍ୟ ପ୍ରସାଦ ଦାସ, ଅମୂଲ୍ୟ ସାହୁ, ପରମାନନ୍ଦ ହାତୀ, ଯୁଗଳ କିଶୋର ତାଣ୍ଡି ପ୍ରମୁଖ ଡ୍ରାଇଭରଙ୍କ ଉନ୍ନତିକଳ୍ପେ ବକ୍ତବ୍ୟ ରଖିଥିଲେ। ଡ୍ରାଇଭରଙ୍କ ପାଇଁ ପେନସନ, ଦୁର୍ଘଟଣାରେ ମୃତ ଡ୍ରାଇଭରମାନଙ୍କୁ ୨୦ ଲକ୍ଷ ଟଙ୍କା ସହାୟତା, ପ୍ରତି ୫୦ ଓ ୧୦୦ କିଲୋମିଟର ଅନ୍ତରରେ ଶୌଚାଳୟ ସହ ପାର୍କିଂ ବ୍ୟବସ୍ଥା, ଦୁର୍ଘଟଣା ପରେ ଡ୍ରାଇଭରମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ରୋକିବା ଆଦି ୧୨ଦଫା ଦାବି ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର, ବରଗଡ, ବୌଦ୍ଧ, ସୁବର୍ଣ୍ଣପୁର, କଳାହାଣ୍ଡି, ନୂଆପଡା ଓ ବଲାଙ୍ଗୀର ଜିଲାରୁ ବହୁ ସଂଖ୍ୟାରେ ଡ୍ରାଇଭରମାନେ ଯୋଗ ଦେଇଥିଲେ। ଇସାକ ସାଗର ସଭା ପରିଚାଳନା କରିଥିଲେ। ମୁରିବାହାଲ ବ୍ଲକ ସଭାପତି ଦୁଷ୍ମନ୍ତ ପଧାନ, କାର୍ଯ୍ୟକରୀ ସଭାପତି ବିକି ମହାରଣା, ବ୍ଲକ କୋଷାଧ୍ୟକ୍ଷ ନେତ୍ରାନନ୍ଦ ମାଝି, ସୁରେଶ ମହାକୁର, ବିକ୍ରମ କର୍ମୀ, କନକ ସାହୁ, ଚିତ୍ରସେନ ଆଡ଼ୁଆଡ଼, ଅଶୋକ ଖର୍ସେଲ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁରିବାହାଲ ବ୍ଲକ ମହାସଂଘ ଆୟୋଜନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ସଂକ୍ଷେପରେ

### କଳାହାଣ୍ଡିକୁ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ସହ ୨ କାଂସ୍ୟ ପଦକ

**ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା**

**ଲାଞ୍ଜିଗଡ଼,୨୮।୧୧(ଡି.ଏନ.ଏ.):** ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ସରଭାରତୀୟ ଓପନ କରାଟେ ପ୍ରତିଯୋଗିତା ନଭେମ୍ବର ୨୬ରୁ ୨୮ ତିନିଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲାର ୪ଜଣ ପ୍ରତିଯୋଗୀ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲର ହିତେଶ କୁମାର ମହାଖୁଡ଼ ଓ କିରନ ବେମାଲ ଭାଗ ନେଇଥିଲେ। ସେହିପରି ଲାଞ୍ଜିଗଡ଼ ସରକାରୀ ଏସଏସଡ଼ି ସ୍କୁଲର ଜକ୍ଷ୍ୟ ପାଟମାଝି ଓ ରବୀନ୍ଦ୍ର ବେନାଲ ମଧ ଭାଗ ନେଇଥିଲେ। ସେମାନଙ୍କ ମଧରୁ ଡିଏଭ ସ୍କୁଲର ହିତେଶ ୧୩ରୁ କମ ବର୍ଷ ବାଳକ ବିଭାଗ କାତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଓ କୁମିତେ(ଫାଇଟିଙ୍ଗ)ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି କିରନ ମଧ ୧୩ରୁ କମ ବର୍ଷ ବାଳକ ବିଭାଗ କାତାରେ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଥିଲେ। ଲାଞ୍ଜିଗଡ଼ ଏସଏସଡି ସ୍କୁଲର ଜକ୍ଷ୍ୟ ୧୫ ବର୍ଷ ବାଳକ କିମିତେରେ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଛନ୍ତି।

### ପଞ୍ଚାୟତସ୍ତରୀୟ ଡ୍ରାଇଭର ସଂଘ ବୈଠକ

**କୋକସରା,୨୮।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ନିୟନ୍ତ୍ରୀତ ବଜାର କମିଟି ପ୍ରାଙ୍ଗଣରେ ରବିବାର ଲଡୁଗାଁ ପଞ୍ଚାୟତସ୍ତରୀୟ ଡ୍ରାଇଭର ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ୍ରାଇଭର ସଂଘ ସଭାପତି ଭଗବାନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟବକ୍ତା ଭାବେ ଧନସିଂ ଛାତ୍ରିଆ, ସମ୍ମାନିତ ଅତିଥି ଭାବେ ଶରତ ଚନ୍ଦ୍ର ରାଉତ, ସନତ କୁମାର ପ୍ରଧାନୀ, ଦୁଷ୍ମନ୍ତ ପାଟ୍ଟଯୋଷୀ, ଶତ୍ରୁଘ୍ନ ପଟେଲ, ଘାସିରାମ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତସ୍ତରୀୟ ଡ୍ରାଇଭର ସଂଘ ଉପସଭାପତି ଉମେଶ ଗୋପାଳ, କୋଷାଧକ୍ଷ କିଶନ ମାଝି, ସହସମ୍ପାଦକ ଭବାନୀ ଶଙ୍କର ଦାସ, ମନୋଜ କୁମାର ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବଲାଙ୍ଗୀର ସଦର ବ୍ଲକରେ ଜନଜାଗରଣ ପଦଯାତ୍ରା

**ବଲାଙ୍ଗୀର ଅଫିସ, ୨୮।୧୧:** ବଲାଙ୍ଗୀର ସଦର ବ୍ଲକ ବିଡିଘାଟ ପଞ୍ଚାୟତଠାରୁ ଚାଣ୍ଟିମୁଣ୍ଡା ପର୍ଯ୍ୟନ୍ତ ସଦର ବ୍ଲକ କଂଗ୍ରେସ କମିଟିର କର୍ମୀମାନଙ୍କୁ ନେଇ ପଦଯାତ୍ରା ଓ ପଥପ୍ରାନ୍ତ ସଭାମାନ ଅନୁଷ୍ଠିତ ହୋଇଥିଲା। ପରେ ଚାଣ୍ଟିମୁଣ୍ଡାଠାରେ ଜନଜାଗରଣ ସଭା ସଦର ବ୍ଲକ କଂଗ୍ରେସ କମିଟି ସଭାପତି ରାମ ପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରା ଯୋଗଦେଇ ବିଜେଡି ସରକାରର ମା'କୁ ସମ୍ମାନର ପଞ୍ଚା ସ୍ଲୋଗାନର ବ୍ୟାଖ୍ୟା କରି ମମିତା ମେହେର ଘଟଣାରେ କିଭଳି ବିଜେଡି ସରକାର ପକ୍ଷପାତିତା କରୁଛି ବୋଲି କହିଥିଲେ। ଜିଲା କିଶାନ କଂଗ୍ରେସ ଅଧକ୍ଷ ସାନନ୍ଦ ମିଶ୍ର କେନ୍ଦ୍ର ଭାଜପା ସରକାରକୁ କୃଷି ବିରୋଧୀ, କୃଷକ ବିରୋଧୀ ବୋଲି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କୋଷାଧକ୍ଷ ଜୁଲୁ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ଶ୍ରୀଧର ବାରିକ, ବ୍ଲକ ଉପାଧକ୍ଷା ଯଶୋବନ୍ତି ବଘାର, ପୂର୍ବ ବ୍ଲକ ଅଧକ୍ଷ ଘାସିରାମ ବେହେରା, ଉପସଭାପତି ସରୋଜ ରଥ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରାଧାକାନ୍ତ ଭୋଇ, ଜଗନ୍ନାଥ ପଧାନ, ଆଦିବାସୀ ନେତା ଲୋକନାଥ କୁମୁରା, ମୁରଲୀ ବାରଲେଣ୍ଡିଆ, ପଙ୍କଜ ମାଲ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସଦର ବ୍ଲକ କିଶାନ କଂଗ୍ରେସ ଅଧକ୍ଷ ଗଗନ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

### ହୃଦ୍‌ରୋଗ ଚିହ୍ନଟ ଶିବିର ପ୍ରସ୍ତୁତି ବୈଠକ

**କୋକସରା,୨୮।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ପେନସନ ଗ୍ରାହୀ ସଂଘ ପକ୍ଷରୁ ନିଶୁଳ୍କ ହୃଦ୍‌ରୋଗ ଚିହ୍ନଟ ଓ ଚିକିତ୍ସା ପାଇଁ ଏକ ମାଗଣା ଶିବିର କୋକସରା ବ୍ଲକ ପେନସନ ଗ୍ରାହୀ ସଂଘର ମିଳିତ ସହଯୋଗରେ ଡିସେମ୍ବର ୫ରେ କୋକସରାଠାରେ ଆୟୋଜନ ହେବ। ରବିବାର ସଂଘ ସଭାପତି ତ୍ରିନାଥ ଠାକୁରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମସ୍ତ ରୋଗୀଙ୍କ ମାଗଣା ପରୀକ୍ଷା ସହ ଅନ୍ୟ ଚିକିତ୍ସା ବ୍ୟବସ୍ଥା ପାଇଁ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ସୁଶାନ୍ତ କୁମାର ଶୈଳ ଉପସ୍ଥିତ ରହିବେ। ବୈଠକରେ ପେନସନ ଗ୍ରାହୀ ସଂଘ ମିନିକେତନ ପ୍ରଧାନୀ, ଜଗବନ୍ଧୁ ମାଝି, କେଶବ ଚନ୍ଦ୍ର ନାଏକ, ଚଉବନ ରଣା, ବିଶ୍ୱମ୍ଭର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଲିଆମୁଣ୍ଡାରେ ହାତୀ ଉପଦ୍ରବ



ହାତୀପଲ ମାଡିଚକଟି ନଷ୍ଟ କରିଥିବା କ୍ଷେତ।

ଲୋଇସିଂହା,୨୮।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜରେ ହାତୀ ଉପଦ୍ରବ ଜାରୀ ରହିଛି। ଶନିବାର ରାତିରେ ରେଞ୍ଜ ଅନ୍ତର୍ଗତ ଭାଲିଆମୁଣ୍ଡା ଗାଁରେ ହାତୀପଲ ବ୍ୟାପକଭାବେ ଧାନ ଫସଲ ନଷ୍ଟ କରିଛନ୍ତି। ହାତୀ ଘଉଡାଇବା ପାଇଁ ଅଞ୍ଚଳବାସୀ ଏବଂ ବନ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡୁଛି। ସନ୍ଧ୍ୟା ୬ଟାରୁ ୪ ଶାବକ ସମେତ ୩୧ଟି ହାତୀ ରମାଇ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ବାହରି ପଡୁଛନ୍ତି। ଶନିବାର ରାତିରେ ଯୋଗୀସର୍ଡା କଲେଜ ସୀମାନ୍ତ ଭାଲୁପାଲି ରାସ୍ତାକଡରେ ଥିବା ଧାନଖେତରେ ପଶିଥିଲେ। ହାତୀପଲ ଆସିଥିବା ଜାଣି ବାଦିବାହାଲ ଗାଁର ଚାଷୀମାନେ ଯୋଗୀସର୍ଡା-ଖୁଣ୍ଟଲିମୁଣ୍ଡା ରାସ୍ତାରେ ନିଆଁ ଜାଳିବାରୁ ଭାଲିଆମୁଣ୍ଡା ପଟକୁ ଚାଲି ଯାଇଥିଲେ। ଭାଲିଆମୁଣ୍ଡା ମୌଜାର ଥିବା ଯୋଗୀସର୍ଡା ଗ୍ରାମର ଭରତ ନାଏକଙ୍କ ୨ଏକର, ରବିନାରାୟଣ କର୍ମୀଙ୍କ ଦେଢ ଏକର, ଗୋପାଳ ସା, ଗଜେନ୍ଦ୍ର ସାହୁ, ବଡ ଭୋଇଙ୍କ ୧ ଏକର ଲେଖାଏ ଏବଂ ଭାଲିଆମୁଣ୍ଡା ଗାଁର କେତେକ ଚାଷୀଙ୍କ ଫସଲ ନଷ୍ଟ କରିଥିଲେ। ଏଠାରୁ ଭାଲିଆମୁଣ୍ଡା ପୋଖରୀ ଉପରମୁଣ୍ଡା ଏବଂ ତଳମୁଣ୍ଡ ଚାଷଜମି ମାଡି ଚକଟି ନଷ୍ଟ କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଅଧିବାସୀ ଏବଂ ବନ ବିଭାଗ କର୍ମଚାରୀ ରାତିତମାମ ହତୀପଲକୁ ସୀମାନ୍ତ ସୁବର୍ଣ୍ଣପୁର ଜିଲା ନର୍ଡକଟା ଜଙ୍ଗଲକୁ ଘଉଡାଇବାରେ ସକ୍ଷମ ହୋଇଛନ୍ତି।

## ମାହେଶ୍ୱରୀ କ୍ରିକେଟ: ନୂଆପାଲି ଚାମ୍ପିୟନ

ଦେଓଗାଁ, ୨୮।୧୧(ଡି.ଏନ.ଏ)



ଚାମ୍ପିୟନ ନୂଆପାଲି ଦଳକୁ ପୁରସ୍କୃତ କରାଯାଉଛି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଲାରପାଲି ମା କନିବୁଡ଼ି କ୍ରିକେଟ ଖେଳପଡିଆରେ ୫ଦିନ ଧରିଚାଲିଥିବା ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ନୂଆପାଲି ଓ ସର୍ଗିପାଲି ମଧରେ ହୋଇଥିଲା। ଏଥିରେ ନୂଆପାଲି ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ତ୍ରିଲୋଚନ ଛତ୍ରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର,ସମ୍ମାନୀତ ଅତିଥି ବିଜୁଯୁବ ଜନତା ଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୬ହଜାର ଟଙ୍କା ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ସର୍ଗିପାଲିର ମାହେଶ୍ୱରୀ କମିଟିର ମୂଲ୍ୟବାନ ପଧାନ, ପୁରନ୍ଦର ପଧାନ, ସଞ୍ଜୀବ ପଧାନ, ରଙ୍କ କୁଅଁର, ତୋଷରାଜ ମହାକୁଡ ଓ ସଦସ୍ୟ ସହଯୋଗ କରିଥିଲେ।

## ଗାନ୍ଧୀନଗର ଦଳକୁ ହରାଇଲା ନବକିଶୋର ଦଳ

**ଓସିଏ ଡିଭିଜନ୍ ୨୦୨୪ ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ**

ବଲାଙ୍ଗୀର ଅଫିସ, ୨୮।୧୧

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଓସିଏ ଡିଭିଜନ ୨୦୨୪ ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଚତୁର୍ଥଦିନ ନବକିଶୋର ଦଳ ଓ ଗାନ୍ଧୀନଗର ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ପ୍ରଥମେ ଗାନ୍ଧୀନଗର ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୩୨ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁମନ ନନ୍ଦ ୨୩ ରନ ଓ ଅଭିଜିତ ସିଂଦେଓ ୧୩ ରନ୍ ସଂଗ୍ରହ କରିଥିଲେ। ନବକିଶୋର ଦଳର ଓମ୍ ସାହୁ ୩ଟି ଓ ଓମ୍‌କାର ମହାନ୍ତି ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ନବକିଶୋର ଦଳ ୧୫.୪ ଓଭରରେ ୨ ଇଇକେଟ ବିନିମୟରେ ଆବଶ୍ୟକ ୧୨୪ରନ୍ ସଂଗ୍ରହ କରି ୮ ଉଇକେଟରେ ବିଜୟ ହାସଲ କରିଥିଲେ। ନବକିଶୋର ଦଳ ତରଫରୁ ବାବୁଲି ସେଠୀ ୫୪ ରନ୍ ଓ ଦେବାଂଶୁ ରାୟଗୁରୁ ଅପରାଜିତ ୪୪ ରନ୍ ସଂଗ୍ରହ କରିଥିଲେ। ଗାନ୍ଧୀନଗର ଦଳ ତରଫରୁ ଶୁଭମ ନନ୍ଦ ଓ ଆଶିଷ ଖମାରୀ ଉଭୟ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଆଜିର ମ୍ୟାଚକୁ ଓସିଏ ଅମ୍ପେୟାର ପୃଥ୍ୱୀରାଜ ମିଶ୍ର, ରାଜେନ୍ଦ୍ର ସେଠ୍ ପରିଚାଳନା କରିଥିଲେ। ଅନଲାଇନ ସ୍କୋରର୍ ସ୍ୱାଗତ ଶୁଭଙ୍କର ଓ ମାନୁଆଲ ସ୍କୋରର୍ ଭାବେ ଜଗପତି ନାଏକ ଦାୟିତ୍ୱ ତୁଲାଇଥିଲେ। ସୋମବାର ଟିଟିଲାଗଡ ଓ ବଲାଙ୍ଗୀର ଏଫ୍‌ସିସି ମଧରେ ମ୍ୟଚେ ଅନୁଷ୍ଠିତ ହେବ।

## ପୁଇଁନ୍ତଲା ବ୍ଲକ ଓଷ୍ଟା ଶାଖାର ସମ୍ମିଳନୀ

ପୁଇଁନ୍ତଲା, ୨୮।୧୧(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ ଓଷ୍ଟା ଶାଖାର ସମ୍ମିଳନୀ ବହଲପଦର ଦମୟନ୍ତୀ ହାଇସ୍କୁଲରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିଲୀପ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଷ୍ଟା ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ଓଷ୍ଟା ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁଧାଂଶୁ ବାବୁ, ଆଗଲପୁର ବ୍ଲକ ସମ୍ପାଦକ ତାରାକାନ୍ତ ମିଶ୍ର, ଓଷ୍ଟା ଯୁଗ୍ମ ସମ୍ପାଦକ ଅନୀଲ ସାହୁ, ସୁଧୀର ନାଏକ, ବଲାଙ୍ଗୀର ବ୍ଲକ ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ର ଯୋଗଦେଇଥିଲେ। ଉକ୍ତ ସଭାରେ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଥିବା ଅନେକ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଓଷ୍ଟାର ନେତୃତ୍ୱ ତାହାର ଆଶୁ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଥିଲେ। ସଭାରେ ଓଷ୍ଟା ସଦସ୍ୟତା ବୃଦ୍ଧି ପାଇଁ ଆହ୍ୱାନ ଦିଆଯାଇଥିଲା। ସମସ୍ତଙ୍କ ନିଷ୍ପତ୍ତି କ୍ରମେ ଆସନ୍ତା ଡିସେମ୍ବର ୧୨ରେ ବି.ଫଟକରା ହାଇସ୍କୁଲଠାରେ ପୁଇଁନ୍ତଲା ବ୍ଲକସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଆୟୋଜନ ହେବାର ସ୍ଥିରୀକୃତ ହୋଇଥିଲା। ସଭାରେ ବ୍ଲକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମେହେର ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଷ୍ଟା ସଭ୍ୟ ନାରାୟଣ ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଶ୍ୱାମିତ୍ର ନାଏକ, ଆନନ୍ଦ ସାମଲ, ରଞ୍ଜିତ ମିଶ୍ର, ମନୋରଞ୍ଜନ ରାଉତ, ରାଜକିଶୋର ପ୍ରଧାନ, ଗୌନ୍ତିଆ ପଲତା, କୃଷ୍ଣ ଚନ୍ଦ୍ର ବଘାର, ମିତ୍ରଭାନୁ ପଧାନ, ଡମ୍ବରୁଧର ପଧାନ, ତ୍ରିନାଥ ପଧାନ, ରୁଦ୍ରମଣି କର୍ମୀ, ଜଗଦୀଶ କର୍ମୀ, ଡାକ୍ତର ବିଶ୍ୱାଲଙ୍କ ସମେତ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ ତଥା ଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ।

## ଗୌରଗୋଠରେ ଗୁଞ୍ଜରଣ ରଥକୁ ସ୍ୱାଗତ

ଦେଓଗାଁ, ୨୮।୧୧(ଡି.ଏନ.ଏ)



ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପଞ୍ଚାୟତ ମୁଖ୍ୟାଳୟରେ ରବିବାର ସ୍ଥାନୀୟ ଲୋକ ଉନ୍ନତି ସଂଗଠନ ତରଫରୁ ଗୁଞ୍ଜରଣ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରନ୍ଦର ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୁଞ୍ଜରଣ ରଥକୁ ସ୍ୱାଗତ କରାଯାଇଥିଲା। ପରେ ଅନୁଷ୍ଠିତ ସଭାରେ ନିମନ୍ତ୍ରିତ ଅତିଥିଭାବେ ମହିଳା ଶ୍ରମଜୀବୀ ମଞ୍ଚ ଓଡିଶା ସଭାନେତ୍ରୀ ଶାନ୍ତି ଭୋଇ, ଜିଲା ପରିଷଦ ସଭ୍ୟ ଗୁରୁଦେବ ରଣା, ବଡବାହାଲ ସରପଞ୍ଚ ଜୟ ରଣା ଗାଁ କମିଟିସଭାପତି ଟିକେରାମ ରଣା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଅତିଥିମାନେ ପ୍ରାଥମିକ ଶିକ୍ଷା ସଚେତନତା ତଥା କରୋନା ସଚେତନତା ପାଇଁ ବାହାରିଥିବା ଗୁଞ୍ଜରଣ ରଥର ଉଦ୍ଦେଶ୍ୟକୁ ସ୍ୱାଗତ କରିଥିଲେ। ବିର୍ସାମୁଣ୍ଡା ଜୟନ୍ତୀରୁ ସୁନ୍ଦରଗଡ ଓ ମାଲକାନଗିରି ଜିଲାରୁ ୨ଟି ରଥ ବାହାରି ଓଡିଶାର ୨୬ଟି ଜିଲା ଗସ୍ତକରି କରୋନା ସମୟରେ ବିଶେଷ ଭାବେ ପ୍ରଭାବିତ ପ୍ରାଥମିକ ଶିକ୍ଷା ଉପରେ ସଚେତନ କରାଯାଉଥିବା ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଅରୁଣ ଦେହୁରୀ, ଆଶିଷ ରାଜହଂସ, ରୂପାଧର ପୁଟା, ଦେବେନ୍ଦ୍ର ଷାଣ୍ଡ, ହରିଶ୍ଚନ୍ଦ୍ର ଭୋଇ, ମୟ ରଣା, ମଙ୍ଗଳୁ ରଣା ପ୍ରମୁଖ ଉପସ୍ଥିତ ଥିଲେ।

## କମୁନି ଦାଦନ ଦୁଃଖ, ଦାଦନ ଶ୍ରମିକଙ୍କ ମୃତ୍ୟୁ

ଲାଞ୍ଜିଗଡ,୨୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ କମୁନାହିଁ ଦାଦନ ଦୁଃଖ। ଆଜିବି ଦାଦନ ଦଲାଲଙ୍କ କବଳରେ ପଡ଼ି ଅକାଳରେ ପ୍ରାଣ ହରାଉଛନ୍ତି ଜଣକ ପରେ ଜଣେ ଦାଦନ ଶ୍ରମିକ। ଏହିପରିସ୍ଥଳେ କେରଳକୁ ଦାଦନ ଖଟିବାକୁ ଯାଇ ସେଠାରୁ ଫେରୁଥିବାବେଳେ ଭୁଲ ଟ୍ରେନରେ ବସି କଟକ ଚାଲିଯିବା ଏବଂ ସେଠାରେ ଦୁର୍ଘଟଣାର ଶିକାର ହେବା ଓ ଚିକିତ୍ସାଧୀନ ଭାବେ ମୃତ୍ୟୁ ଘଟିଛି। ଏହି ଭଳି ଘଟଣା କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମାଲିଯୁବାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଙ୍କାକୁଣ୍ଡୁରୁ ଗାଁ ଲୋକଙ୍କୁ ସ୍ତବ୍ଧ କରିଦେଇଛି।

ସୂଚନା ଯେ, ବଙ୍କାକୁଣ୍ଡୁରୁ ଗାଁର ଗୋବିନ୍ଦ ନାଏକ ଗତ କିଛି ମାସ ତଳେ ଦାଦନ ଖଟିବାକୁ କେରଳ ଯାଇଥିଲେ। ସେଠାରେ ରହି ବେଶ ଦୁଇପଇସା ଉପାର୍ଜନ ପରେ ଘରକୁ ଫେରି ଆସୁଥିଲେ। ଘରକୁ ଫେରିବା ସମୟରେ ସେ ଭୁଲ ଟ୍ରେନ୍‌ରେ ବସି କଟକ ଚାଲିଯାଇଥିଲେ। ଜଗତପୁର ନିକଟରୁ ମୁମୂର୍ଷୁ ଅବସ୍ଥାରେ ପୋଲିସ ଉଦ୍ଧାର କରି କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇଲେ ସୁଦ୍ଧା ଘରକୁ ମୃତଦେହ ଆଣିବାକୁ ସକ୍ଷମ ନ ହେବାରୁ ପରିବାର ଲୋକେ ଲାଞ୍ଜିଗଡ଼ ଅଞ୍ଚଳର ସାମାଜିକ କର୍ମୀ ରାଜେନ୍ଦ୍ର ମାଳୀ, ପୂର୍ବତନ ବ୍ଲକ ଉପାଧକ୍ଷ ଜଗଦୀଶ ବେନିଆଁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଉଭୟେ କିଛି ଆର୍ଥିକ ସହାୟତା କରିବା ସହ ଘଟଣା ସମ୍ପର୍କରେ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଲିମିଟେଡ ଡେପୁଟି ସିଇଓ ଗୋବିନ୍ଦ ଗୋପାଳ ପାଲଙ୍କୁ ଅବଗତ କରାଇଥିଲେ। ପାଲଙ୍କ ଉଦ୍ୟମକ୍ରମେ ବେଦାନ୍ତ ହସ୍ପିଟାଲରୁ ଏକ ଆମ୍ବୁଲାନ୍ସ କଟକ ଅଭିମୁଖେ ଯାଇଥିଲା। ମାଲିଯୁବାଙ୍ଗର ସାମାଜିକ କର୍ମୀ ସୁଧୀର ନାୟକ ଆମ୍ବୁଲାନ୍ସରେ ଯିବା ସହିତ ବ୍ୟବଚ୍ଛେଦ ପରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କଠାରୁ ମୃତଦେହ ଗ୍ରହଣ କରିଥିଲେ। ଆମ୍ବୁଲାନ୍ସ ଯୋଗେ ଗୋବିନ୍ଦଙ୍କ ମୃତଦେହ ଘରକୁ ଫେରୁଥିବା ଜଣାପଡ଼ିଛି। ମୃତ ଗୋବିନ୍ଦ ଲକ୍ଷାଧିକ ଟଙ୍କା ନେଇ ଆସୁଥିବା ଓ ଗଳାରେ ଏକ ସୁନା ଚେନ ପିନ୍ଧିଥିବା ଓ ଜଗତପୁର ଅଞ୍ଚଳରେ ଦୁର୍ଘଟଣା ଘଟିଥିବାରୁ ଏ ନେଇ ଜଗତପୁର ଥାନାରେ ମାମଲା ଦାୟର କରାଯାଇଛି।

## ସାମାଜିକ ଉତ୍ତରଦାୟିତ୍ୱ ସମ୍ପନ୍ନ କରେ ଏନସିସି




ଲୋଇସିଂହା କଲେଜରେ ଏନସିସି ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।

ଲୋଇସିଂହା,୨୮।୧୧(ଡି.ଏନ.ଏ.)

ଲୋଇସିଂହା କଲେଜରେ ଏନସିସି ଦିବସ ରବିବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଲୋଇସିଂହା ଆଇଆଇସି ରମାକାନ୍ତ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଡେମୋନଷ୍ଟ୍ରେଟର ପ୍ରତାପ ବହିଦାର, ସମୀର ଦାନୀ, ଏନସିସି ଅଫିସର ପ୍ରଦୀପ ବଗର୍ତ୍ତି ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ସାହୁ ଏନସିସି ଗଠନର ଅଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଜେନା ଏନସିସି ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଶୃଙ୍ଖଳାଗତ ଜ୍ଞାନ ବୃଦ୍ଧି ପାଇଥାଏ ବୋଲି କହିଥିଲେ। ସର୍ବୋପରି ଛାତ୍ରୀଛାତ୍ରଙ୍କୁ ସାମାଜିକ ଉତ୍ତର ଦାୟିତ୍ୱ ସମ୍ପନ୍ନ ଗଢି ତୋଳିଥାଏ। ସଭା ପୂର୍ବରୁ ମୁଖ୍ୟ ଅତିଥି ଏନସିସି ପତାକା ଉତ୍ତୋଳନ କରିଥିଲେ।

## ବଲାରପାଲିରେ ବଢୁଛି କିଡ୍‌ନୀ ରୋଗୀଙ୍କ ସଂଖ୍ୟା

ଦେଓଗାଁ, ୨୮।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ ଅନ୍ତର୍ଗତ ବଲାରପାଲିରେ ଦିନକୁ ଦିନ କିଡ୍‌ନୀ ରୋଗୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଦୂଷିତ ପାନୀୟ ଜଳ ଏହାର ମୁଖ୍ୟ କାରଣ କୁହାଯାଉଛି। ଗ୍ରାମବାସୀଙ୍କ ଦାବି ପରେ ମଧ ସ୍ଥାୟୀ ପ୍ରତିକାର ହୋଇପାରୁ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର, ବିଜୁ ଯୁବ ଜନତାଦଳ ବ୍ଲକ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ୱାର୍ଡସଭ୍ୟ ଟୁନା କୁଅଁର, ହେମନ୍ତ ସାହୁ ପ୍ରମୁଖ ବଲାରପାଲିରେ ପହଞ୍ଚି ଥିଲେ। ଗାଁରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟାର ଦୂରୀକରଣ ପାଇଁ ସ୍ଥାୟୀଭାବେ ପାଇପ ଜଳ ଯୋଗାଣ ଉପରେ ବିଜେଡି ନେତୃବର୍ଗ ଗୁରୁତ୍ୱାରୋପ କରିଥିଲେ। ସମସ୍ୟାର ଆଶୁ ସମାଧାନ ସ୍ୱରୂପ ରବିବାରଠାରୁ ଗାଁକୁ ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯାଇଛି।

## ସମ୍ବିଧାନ ଗୌରବ ଅଭିଯାନ

ଲୋଇସିଂହା,୨୮।୧୧ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଭାଜପା ପକ୍ଷରୁ କୁଶଙ୍ଗ ଗ୍ରାମରେ ସମ୍ବିଧାନ ଗୌରବ ଅଭିଯାନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି କିଶୋର ପୁଟେଲ ସଭାରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗତ ନଭେମ୍ବର ୨୬ରୁ ଡିସେମ୍ବର ୬ ଯାଏ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ସମ୍ବିଧାନ ଦେଇଥିବା ନାଗରିକର ଅଧିକାର, କର୍ତ୍ତବ୍ୟ ଉପରେ ସେ ମତ ରଖିଥିଲେ। ମୁଖ୍ୟବକ୍ତାଭାବେ ଆଇନଜୀବୀ ଅଶୋକ ବାରିକ ଯୋଗଦେଇ ସମ୍ବିଧାନ ପ୍ରଣେତା ଆମ୍ବେଡକରଙ୍କ ଜୀବନ ଏବଂ ଆଇନଗତ ଅଧିକାର ସମ୍ପର୍କରେ କହିଥିଲେ। ଲେକ୍ସ ତ୍ରିପାଠୀ, ଗୌରାଙ୍ଗ ନାଏକ, ଜିତୁ ସାହୁ, ଅମରଜିତ ପଟେଲ ଏହି ଅବସରରେ ଉପସ୍ଥିତ ଥିଲେ।

## ପାଇପ ଫାଟି ରାସ୍ତା ଉପରେ ବୋହୁଛି ପାଣି

ରୁପ୍ରା ରୋଡ଼,୨୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଭୀମକେଲା ଗ୍ରାମରେ ସରକାରଙ୍କ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ସାନ୍ଦୁଲ ନଦୀରୁ ଓଭରହେଡ ଟାଙ୍କି ଦ୍ୱାରା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ଗାଁ ମଝି କାଳିକେଶ୍ୱରୀ ଛକରେ ପାଇପ ଫାଟି ରାସ୍ତା ଉପରେ ପାଣି ପ୍ରବାହିତ ହେଉଥିବା ବେଳେ ଏଠାରେ ଥିବା ଚାବି ଟାଙ୍କିରୁ ମଧ ପାଣି ବାହାରି ରାସ୍ତା ଉପରେ ପ୍ରବାହିତ ହେଉଛି। ଏହି ଟାଙ୍କିରେ ପାଣି ଜମି ଆବର୍ଜନା ଭାସୁଥିବା ମଧ ଦେଖିବାକୁ ମିଳିଛି। ନିମ୍ନମାନର କାମ ଯୋଗୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଏପରି ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରି ଅସନ୍ତୋଷ ଜାହିର କରିଛନ୍ତି। ମରାମତି କାର୍ଯ୍ୟ ହେଉ ନ ଥିବା ଅଭିଯୋଗ ହେଉଛି। ଏଥିପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ମରାମତି କାର୍ଯ୍ୟ ଓ ନିୟମିତ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ସିନ୍ଧେକେଲା ଥାନା ସମ୍ମୁଖରେ ମହିମାପନ୍ଥୀଙ୍କ ଧାରଣା

ବଲାଙ୍ଗୀର ଅଫିସ, ୨୮।୧୧

ଜମିବାଡି ମାମଲାକୁ ନେଇ ଗତ ୨୪ ତାରିଖରେ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ପୁଟୁପଡା ମହିମାଶ୍ରମ ମଠାଧୀଶ ସାଧୁ କିଶୋର ଚନ୍ଦ୍ର ଦାସଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ମାମଲାରେ ପୋଲିସ କେବଳ ଜଣକୁ ଗିରଫ କରିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିଲା। ଏହାର ପ୍ରତିବାଦରେ ରବିବାର ସିନ୍ଧେକେଲା ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅନ୍ୟ ୪ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଏବଂ ବିବାଦୀୟ ଜମିକୁ ଚିହ୍ନଟ କରାଯାଉ ବୋଲି ପଶ୍ଚିମାଞ୍ଚଳ ମହିମା ସମାଜ ପରିଚାଳନା କମିଟି ତରଫରୁ ଦାବି କରାଯାଇଥିଲା। ସାଧୁ କିଶୋର ଚନ୍ଦ୍ର ଦାସଙ୍କୁ ନ୍ୟାୟ ଦେବା ଦାବିରେ ମହିମାପନ୍ଥୀମାନେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଥାନାଧିକାରୀ ପଞ୍ଚାନନ ନାଏକ ୮ ଦିନ ମଧ୍ୟରେ ଦୋଷୀଙ୍କୁ ଧରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବ୍ରହ୍ମ ଅବଧୁତ ଭଗବାନ ଦାସ ବାବା, କପିଳେନ୍ଦ୍ର ଦାସ ବାବା, ସାଧୁପ୍ରଭାକର ଦାସ, ଲକ୍ଷେଶ୍ୱର ଦାସ ପ୍ରମୁଖ ଧାରଣାରେ ବସିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୯ ନଭେମ୍ବର, ୨୦୨୧



## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ପାଇକମାଲ,(ଡି.ଏନ.ଏ): ବରଗଡ ଜିଲା ନୃସିଂହନାଥ ପଞ୍ଚୁପାଣ୍ଡବର ଏକ କରଞ୍ଜ ଗଛରେ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପଦ୍ମପୁର ଅମଲିପାଲି ଗ୍ରାମର ସେବାରାମ ଧରୁଆ (୧୮)। ଖବର ପାଇ ପାଇକମାଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

# ୪୦ ଭୂମିହୀନଙ୍କୁ ମିଳିଲା ଜମିପଟ୍ଟା

**ବାଉଁଶୁଣୀ,୨୮।୧୧(ଡି.ଏନ.ଏ.):** ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ରାଜସ୍ୱ ସର୍କଲ କାର୍ଯ୍ୟାଳୟରେ ରାଜସ୍ୱ ସେବା ଶିବିର ଓ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ତହସିଲଦାର ଅବିନାଶ ପାଣ୍ଡିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ବିଧାୟକ ମହୀଧର ରଣା ଓ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଲବେହେରା ଯୋଗଦେଇଥିଲେ। ଏହିଅବସରରେ ଅତିଥିମାନେ ଭୂମିହୀନ ୪୦ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ କରିଥିଲେ। ଏଥିସହିତ ଏହି ପରିବାରଗୁଡିକୁ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅତିରିକ୍ତ ୫୦ଦିନର କାମ ମଧ୍ୟ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଯେଉଁ ଭୂମିହୀନ ପରିବାରମାନେ ତିନିପୁରୁଷ ଧରି ଜଙ୍ଗଲ ଜମିରେ ବାସ କରିଆସୁଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଇ ଏହି ପଟ୍ଟା ପ୍ରଦାନ କରାଯାଇଛି । ବାଉଁଶୁଣୀ ରାଜସ୍ୱ ସର୍କଲର ନିରୀକ୍ଷକ ସୁଜିତ କୁମାର ସାହୁ ଓ  କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଆରମ୍ଭରୁ...

ସୁଦ୍ଧା ବିକ୍ରି ହୋଇପାରିନାହିଁ। ବରଗଡ଼ ବ୍ଲକର କଲାପାଣି ମଣ୍ଡିକୁ ୫ଜଣ ଚାଷୀଙ୍କ ୬୯୮ ପ୍ୟାକେଟ୍ ଧାନ ଆସିଛି। କିନ୍ତୁ ତାହା ଏଯାଏ ବିକ୍ରି ହୋଇପାରିନାହିଁ। ଅନ୍ୟପଟେ ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆର୍ଏମ୍ସି) ଅଧୀନ ମଣ୍ଡିଗୁଡ଼ିକ ଗତ ୨୫ତାରିଖରୁ ଖୋଲିଛି। ଏଠାରେ ରବିବାର ସୁଦ୍ଧା ୨୪ହଜାର ୮୮ ପ୍ୟାକେଟ୍ ଧାନ ସଂଗୃହୀତ ହୋଇଛି ଏବଂ ସେଥିରୁ ୨୧ହଜାର ୮୨୭ ପ୍ୟାକେଟ୍ ଧାନ ବିକ୍ରି ହୋଇଥିବା ଆର୍ଏମ୍ସି ସୂତ୍ରରୁ ଜଣାପଡ଼ିଛି। ପୂର୍ବବର୍ଷ ଏହି ସମୟରେ ଜିଲାର ସମସ୍ତ ୧୨ଟି ଯାକ ବ୍ଲକର ମଣ୍ଡିରେ ଧାନ କିଣାବିକା ଆରମ୍ଭ ହୋଇଥିଲା। କିନ୍ତୁ ଚଳିତବର୍ଷ ରବିବାର ସୁଦ୍ଧା ଜିଲାର ୩ଟି ବ୍ଲକରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି।

ବରଗଡ଼ ଆର୍ଏମ୍ସି ଅଧୀନ କଲାପାଣି ଗ୍ରାମର ଚାଷୀ ସୁରେଶ ନେକାଣ୍ଡି କହିଛନ୍ତି, ସେ ଗତ ୨୨ତାରିଖରୁ କଲାପାଣି ମଣ୍ଡିରେ ଧାନ ଭର୍ତ୍ତି କରିଛନ୍ତି । ଚାଷୀ ପଞ୍ଜୀକରଣ ସମୟରେ କରିଥିବା ଆବେଦନ ଫର୍ମରେ ତାଙ୍କ ଅମଳ ଧାନ ବିକ୍ରିଦିବସର ତାରିଖ ନଭେମ୍ବର ୧ରୁ ୧୫ତାରିଖ ବୋଲି ଉଲ୍ଲେଖ ରହିଛି। କିନ୍ତୁ ତାଙ୍କ ପାଖକୁ ଯେଉଁ ଏସ୍ଏମ୍ଏସ୍ ଆସିଛି, ସେଥିରେ ବିକ୍ରିଦିବସ ଡିସେମ୍ବର ୯ତାରିଖ ବୋଲି ଉଲ୍ଲେଖ ରହିଥିବା ସେ କହିଛନ୍ତି । ଫଳରେ ମଣ୍ଡିରେ ତାଙ୍କ ଧାନ ଥିଲେ ସୁଦ୍ଧା ତାକୁ କିଣାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି । ଏଭଳି ଅନେକ ଚାଷୀ ଅଛନ୍ତି, ଧାନ ଅମଳ କରିସାରିଥିଲେ ମଧ୍ୟ ସେମାନଙ୍କୁ ଅମଳ ଧାନ ବିକ୍ରିପାଇଁ ଟୋକନ ମିଳି ପାରିନାହିଁ। ଅନ୍ୟପକ୍ଷରେ ଅମଳ କରି ନ ଥିବା ଚାଷୀଙ୍କ ପାଖକୁ ଟୋକନ ପହଞ୍ଚି ସାରିଛି। କଲାପାଣି ଗ୍ରାମର ଚାଷୀ ଏକାଦଶିଆ ସାହୁ କହିଛନ୍ତି, ସେ ୪ଶହ ପ୍ୟାକେଟ୍ ଧାନ କଲାପାଣି ମଣ୍ଡିରେ ରଖିଛନ୍ତି । ପରିଚୟ ପତ୍ର ପଞ୍ଜୀକରଣ ସମୟରେ ଉଦ୍ଦିଷ୍ଟ ଫର୍ମରେ ନଭେମ୍ବର ୧୫ତାରିଖ ସୁଦ୍ଧା ଧାନ ବିକ୍ରିଦିବସ ଉଲ୍ଲେଖ କରିଥିଲେ। ମାତ୍ର ଆଜି ସୁଦ୍ଧା ତାଙ୍କୁ ଟୋକନ ମିଳି ନ ଥିବା ଯୋଗୁ ସେ ଧାନ ବିକ୍ରି କରି ପାରିନାହାନ୍ତି। ଏ ନେଇ ବରଗଡ଼ ଆର୍ଏମ୍ସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆଙ୍କୁ ପଚାରିବାରୁ ଧାନ ସଂଗୃହୀତ ହୋଇଛି, କିନ୍ତୁ ବିକ୍ରି ହୋଇ ପାରି ନ ଥିବା ସେ କହିଥିଲେ।

### ଅପହରଣକାରୀଙ୍କୁ...

ବାଟରେ ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ଉଦ୍ୟମ କରି ବିଫଳ ହେବାରୁ ତାଙ୍କୁ ବନ୍ଧୁକରେ ମାଡ଼ ମାରି ଲହୁଲୁହାଣ କରିଦେଇଥିଲେ। କ୍ଷିପ୍ର ଗତିରେ ପାଲଲହଡା ଆଡ଼କୁ ଆସୁଥିବାବେଳେ ରାସ୍ତାରେ ଏକ ବାଇକ୍‌କୁ ଧକ୍କା ଦେଇ ପଳାଇ ଯାଉଥିବା ବେଳେ ଗାଡ଼ିର ଟାୟାର ଫାଟି ଯାଇଥିଲା। ସେହି ଅବସ୍ଥାରେ ମଧ୍ୟ କାର୍ ଚଲାଇ ଯାଉଥିବା ବେଳେ ପ୍ରାୟ ୧୨ କି.ମି. ଦୂର ବିଞ୍ଜବାହାଳ ସ୍ଥିତ ନୂଆଡିହି ଗ୍ରାମ ନିକଟରେ ଏକ ପୋଖରୀ ହିଡ଼କୁ ଗାଡ଼ି ସାଇଡ୍ କରି ରଖିଥିଲେ। ଅପରାହ୍ନ ୨ଟାରେ ଟାୟାର ବଦଳାଇ ଫେରାର ହୋଇଯିବାକୁ ଉଦ୍ୟମ କରୁଥିବା ସମୟରେ ହଠାତ୍ ଗ୍ରାମବାସୀ ପହଞ୍ଚି ଘଟଣା ସମ୍ପର୍କରେ ଜାଣିପାରି ସେମାନଙ୍କୁ ମାଡ଼ ମାରି କାବୁ କରି ନେଇଥିଲେ। ଏହା ଦେଖି ବାଇକ୍‌ରେ ପଛରେ ଆସୁଥିବା ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଅଟକ ୨ ଅପହରଣକାରୀ ହେଲେ ଆଶିଷ ନାୟକ (୧୯) ଓ ବିଶ୍ୱଜିତ ସାହୁ (୨୫)। ତେବେ ସେମାନେ ବାରମ୍ବାର ନାମ ବଦଳାଉଥିବା ବେଳେ ତେଲକୋଇ ଥାନାରେ ଏସ୍‌ଡିପିଓ ପି.ଜେ. ଟପୋ ପହଞ୍ଚି ପଚରାଉଚୁରା ଜାରି ରଖିଛନ୍ତି। ସେମାନଙ୍କ ପରିଚୟ ମିଳିସାରିଛି। ସେମାନଙ୍କ ଘର ତାଳଚେର ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏନେଇ ଏକ ମାମଲା (ନଂ. ୧୫୨/୨୧) ରୁଜୁକରି ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ଟପୋ କହିଛନ୍ତି।

### ଗନ୍ଧମାର୍ଦ୍ଦନରେ...

ଘଟଣାସ୍ଥଳରୁ ପୋଲିସ ଗୋଟିଏ ଇନ୍‌ସାସ୍ ରାଇଫଲ, ୭ଟି ଜୀବନ୍ତ ଗୁଳି, ଡିଟୋନେଟର, ମାଓବାଦୀ ପୁସ୍ତିକା, ଟର୍ଚ୍ଚ ଲାଇଟ୍, ମାଓବାଦୀଙ୍କ ଡ୍ରେସ୍, କିଛି ହାତଲେଖା ପୋଷ୍ଟର, ଦୁଇ ହଳ ଜୋତା ଜବତ୍ କରିଛି।

ଓଡ଼ିଶା ଆନ୍ଧ୍ରପ୍ରଦେଶ ସୀମାସଂଲଗ୍ନ ଅଞ୍ଚଳରେ ମାଓବାଦୀ ଅଭିଯାନ ସଫଳ ହେବାରୁ କେତେକ ମାଓବାଦୀ ପୁଣି ଥରେ ଓଡ଼ିଶା–ଛତିଶଗଡ ସୀମାରେ ସକ୍ରିୟ ହୋଇଥିବା ଅନୁମାନ କରାଯାଇଛି। ବଲାଙ୍ଗୀର, ବରଗଡ ଓ ନୂଆପଡା ଜିଲା ସୀମାରେଖାରେ ଅବସ୍ଥିତ ଗନ୍ଧମାର୍ଦ୍ଦନ ପାହାଡ ତଳ ଅଞ୍ଚଳରେ ଦୀର୍ଘଦିନ ପରେ ମାଓବାଦୀ କ୍ରିୟାକଳାପ ବୃଦ୍ଧି ପାଇବା ଏବଂ ମାଓବାଦୀ–ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇ ଜଣେ ମାଓବାଦୀ ଏରିଆ କମିଟି ସଦସ୍ୟଙ୍କ ମୃତ୍ୟୁ ଘଟିବା ଘଟଣା ପୁଣି ଥରେ ଖପ୍ରାଖୋଲ ଅଞ୍ଚଳ ଗ୍ରାମୀଣ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି।

### ଓଡ଼ିଶା ଜମିରେ...

ପାହାଡ ଓଡ଼ିଶା ସୀମା ଭିତରକୁ ପଶି ଚାଷ କାମ ଆରମ୍ଭ କରିଦେଲେଣି। ବର୍ତ୍ତମାନ ଏହି ସ୍ଥାନରେ ହରଡ (ଡାଲି ଜାତୀୟ) ଚାଷ କରିଛନ୍ତି ଛତିଶଗଡର ଚାଷୀ। ୨ ବର୍ଷ ପୂର୍ବେ ସିନାପାଲି ବନ ବିଭାଗ ଦ୍ୱାରା ସେହି ସ୍ଥାନରେ ଚାରା ରୋପଣ କରାଯାଇଥିଲା। ଏବେ ସେହି ସ୍ଥାନରୁ ଶାଗୁଆନ, ମହୁଲ, ଚାହାର ଭଳି ଅନେକ ମୂଲ୍ୟବାନ ଗଛ କାଟି ଛତିଗଡର ଲୋକେ ଚାଷ କରୁଛନ୍ତି। ଛତିଶଗଡବାସୀ ୪ ବର୍ଷ ହେଲା ଅକ୍ତିଆର କରି ଆଗରୁ ମକା ଚାଷ କରୁଥିବା ବେଳେ ଚଳିତବର୍ଷ ହରଡ ଚାଷ କରିଛନ୍ତି। ସୀମାବର୍ତ୍ତି ଅଞ୍ଚଳର ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଫଳରେ ଧୀରେ ଧୀରେ ସୀମାବର୍ତ୍ତି ଅଞ୍ଚଳକୁ ଛତିଶଗଡ କାୟାବିସ୍ତାର କରିବା ଓଡ଼ିଶା ସୀମାବର୍ତ୍ତି ଗାଁ ଲୋକମାନଙ୍କୁ ଚିନ୍ତାରେ ପକାଇ ଦେଇଛି। ସିନାପାଲି ବ୍ଲକ ନୂଆମାଲପଡା ଅଞ୍ଚଳରେ ୪ ବର୍ଷ ତଳେ ରାଜ୍ୟ ସୀମା ଅକ୍ତିଆର କରି ମକା ଚାଷ କରିଥିଲେ ଛତିଶଗଡ ଲୋକେ। ଏବେ ଛତିଶଗଡର ଲୋକେ ଚୂନଚୂନି ପାହାଡ ଜଙ୍ଗଲ କାଟି ହରଡ ଚାଷ କରିଛନ୍ତି ବୋଲି ଖନ୍ଦାପଡା ଓ ନୂଆଁମାଲପଡା ଲୋକେ ଅଭିଯୋଗ କରିଛନ୍ତି। ଓଡ଼ିଶା ଲୋକେ ଛତିଶଗଡର ସପ୍ତାହିକ ବଜାରକୁ ଗଲେ ମାରପିଟ କରୁଥିବା ଅଭିଯୋଗ କରୁଛନ୍ତି। ଏ ସଂକ୍ରାନ୍ତରେ ସିନାପାଲି ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ମାଝିଙ୍କୁ ପଚାରିବାରୁ ମୁଁ ଏ ସମ୍ପର୍କରେ ଜାଣି ନ ଥିଲି। ଆପଣମାନେ କହିବାରୁ ଜାଣିଲି, ଏହାର ତଦନ୍ତ କରି ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ। ନୂଆପଡା ଉପଜିଲାପାଳ ତରଣୀସେନ ନାଏକଙ୍କୁ ପଚାରିବାରୁ ଏଇଟା ଆମର ନୁହେଁ ଜଙ୍ଗଲ ବିଭାଗ ଏସବୁ ବୁଝିବେ ବୋଲି କହିଥିଲେ।

### ମୁଖ୍ୟସ୍ରୋତରେ...

କର୍ମଚାଲିଛି। ଓଡିଶା ପୋଲିସର ମାଓବାଦୀ ବିରୋଧୀ ଅଭିଯାନ ଖୁବ୍ ସଫଳ ରହିଛି। ଏହିକ୍ରମରେ ଶନିବାର ଖପ୍ରାଖୋଲ ଥାନା ଅନ୍ତର୍ଗତ ଯୁନାନୀବାହାଲରେ ମାଓବାଦୀ–ପୋଲିସ ଗୁଳି ବିନିମୟ ହୋଇଥିଲା। ସ୍ଥାନୀୟ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଛୋଟ ପୋଲିସ ଓ ଡିଭିଏଫ୍ ଟିମ୍ ସେହି ଗାଁକୁ ଯାଇଥିଲେ। ସେଠାରେ ପ୍ରଥମେ ପୋଲିସ ଉପରକୁ ମାଓବାଦୀମାନେ ଗୁଳିଚାଳନା କରିଥିଲେ। ସେହି ଗୁଳି ବିନିମୟ ବେଳେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ଶଙ୍କର। ପୋଲିସ ଲିଷ୍ଟରେ ତାଙ୍କ ନାଁ ରହିଥିଲା। ପୋଲିସ ଟିମ୍ ଛୋଟ ହେଲେ ମଧ୍ୟ ସାହସ ଦେଖାଇଥିଲା। ଏଣୁ ବଲାଙ୍ଗୀର ପୋଲିସ ଟିମ୍‌କୁ ସେ ପ୍ରଶଂସା କରିଥିଲେ। ଡିଆଇଜି ଅଭୟ ଆହୁରି କହିଥିଲେ ମାଓବାଦୀ ସମସ୍ୟାର ସମାଧାନ ଅଛି। ଯେତେ ଅଳ୍ପ ମାଓବାଦୀ ଅଛନ୍ତି ସେମାନେ ଦେଶର ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ । ଓଡିଶା ସରକାରଙ୍କ ଖୁବ୍ ଭଲ ମାଓବାଦୀ ଥଇଥାନ୍ ଓ ଆତ୍ମସମର୍ପଣ ନୀତି ରହିଛି। ମାଓବାଦୀମାନେ ମାରଣାସ୍ତ୍ର ସହ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ ବୋଲି ଅଭୟ ଆହ୍ୱାନ କରିଥିଲେ। ଏହିଅବସରରେ ସେ ମାଓବାଦୀ ଅଭିଯାନ ଉପରେ ସମୀକ୍ଷା କରିଥିଲେ। ପୋଲିସ ଡିଜି ଅଭୟଙ୍କ ସହ ଆଇଜି ଅପରେଶନ୍ ଅମିତାଭ ଠାକୁର, ଡିଆଇଜି ଏସ୍ଆଇଡବ୍ଲ୍ୟୁ ଅନିରୁଦ୍ଧ ସିଂ, ଉତ୍ତରାଞ୍ଚଳ ଡିଆଇଜି ଡା ଦୀପକ କୁମାର, ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର ଉପସ୍ଥିତ ଥିଲେ।

# ସଂଘ ସୁଦୃଢ଼ କରିବାକୁ ଆହ୍ୱାନ

**ସୋନପୁର,୨୮।୧୧(ନି.ପ୍ର.)**



ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ସଂଘର କର୍ମକର୍ତ୍ତା।

**ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ସମ୍ମିଳନୀ**

ସୁବର୍ଣ୍ଣପୁର ଜିଲା ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ଜିଲା ସମ୍ମିଳନୀ ସ୍ଥାନୀୟ ଏନଜିଓସିସି ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଜଗଦୀଶ ପରୁଆ ସଭାରେ ଅଧ୍ୟକ୍ଷତା କରିଥିଲେ। ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ କର୍ମଚାରୀମାନେ ନିଜ ମଧ୍ୟରେ ଏକତା ବଜାୟ ରଖିବା ସହ ସଂଘକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ସଂଘ ଉପଦେଷ୍ଟା ଦୁର୍ଯ୍ୟୋଧନ ମିଶ୍ର, ସଂଘର ପ୍ରାକ୍ତନ ଜିଲା ସମ୍ପାଦକ ରାମ ନାରାୟଣ ଭୋଇ ଓ ବୌଦ୍ଧ ଜିଲା ସଭାପତି ରାଜ କିଶୋର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କର୍ମଚାରୀ ଅଭାବ ରହିଥିବାରୁ ଜନସାଧାରଣଙ୍କୁ ସେବା ଯୋଗାଇବାକୁ ସମସ୍ୟା ହେଉଛି। ତେଣୁ ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା ଓ ଖାଲି ପଡିଥିବା ପଦବିରେ ନୂତନ ନିଯୁକ୍ତି ପାଇଁ କର୍ମଚାରୀ ସଂଘ ପକ୍ଷରୁ ଦାବି ହୋଇଥିଲା। ସେହିପରି ସପ୍ତମ ବେତନ କମିଶନ ଘୋଷଣା ପରେ ରାଜ୍ୟ ସରକାର ଗ୍ରୁପ୍–ଡି କର୍ମଚାରୀ ମାନଙ୍କ ସର୍ବନିମ୍ନ ଦରମା ହାର ୧୮ ହଜାର ଟଙ୍କା ପରିବର୍ତ୍ତେ ୧୬ ହଜାର ୬୦୦ ଟଙ୍କାରେ ସ୍ଥିର ରଖିବାକୁ ନେଇ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରରେ ଅସ୍ଥାୟୀ କର୍ମଚାରୀ ମାନଙ୍କୁ ସ୍ଥାୟୀ କରିବା ପାଇଁ ଦାବି ହୋଇଥିଲା। ସମ୍ମିଳନୀରେ ଜିଲାର ସମସ୍ତ ୪ର୍ଥ ଶ୍ରେଣୀ କର୍ମଚାରୀ ଯୋଗ ଦେଇଥିଲେ।

## ପୁଇପାନ ଜଙ୍ଗଲରୁ ମଦ,ମହୁଲ ପୋଚ ଜବତ

**ଅମରପାଲି,୨୮।୧୧(ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ପୁଇପାନ ଜଙ୍ଗଲ ନିକଟରୁ ବ୍ୟାପକ ପରିମାଣର ମହୁଲ ପୋଚ, ମଦ ଜବତ କରିଛି ଅବକାରୀ ବିଭାଗ। ଏଥିସହ ମଦ ପ୍ରସ୍ତୁତି ସାମଗ୍ରୀ ଜବତ ହୋଇଛି। ବୀରମହାରାଜପୁର ଅବକାରୀ ଏସଆଇ ସୁଧିର ମିଶ୍ରଙ୍କ ନେତୃତ୍ୱରେ କରାଯାଇଥିବା ଚଢାଉରେ ପ୍ରାୟ ୧୦ କୁଇଣ୍ଟାଲ ମହୁଲ ପୋଚ, ୧୦୦ଲିଟରରୁ ଅଧିକ ଦେଶୀ ମଦ, ୨୦ଟି ଡ୍ରମ ଓ ଅନ୍ୟାନ୍ୟ ମଦ ପ୍ରସ୍ତୁତ ସରଞ୍ଜାମ ଜବତ କରାଯାଇଛି। ଜବତ ମହୁଲ ପୋଚକୁ ପୋତି ଦିଆଯାଇଛି। ମଦ ପ୍ରସ୍ତୁତ ପାଇଁ ଭାଟିକୁ ମଧ୍ୟ ଭାଙ୍ଗି ଦିଆଯାଇଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଖୁବ୍ଶୀଘ୍ର ଗିରଫ କରାଯିବ ବୋଲି ଅବକାରୀ ଏସଆଇ ସୁଧୀର ମିଶ୍ର କହିଛନ୍ତି।

## ବିଏସ୍‌କେୱାଇ ସ୍ମାର୍ଟକାର୍ଡ ବଣ୍ଟନ

**ବାଉଁଶୁଣୀ,୨୮।୧୧(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ କାର୍ଯ୍ୟାଳୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ(ବିଏସ୍‌କେୱାଇ) ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଛି। ବିଡିଓ ଦେବୀପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ କନ୍ଧମାଳ ବିଧାୟକ ମହୀଧର ରଣା ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ଯୁବ ବିଜେଡି ନେତା ପ୍ରଶାନ୍ତ କୁମାର ରଣା, ପୂର୍ବତନ ସରପଞ୍ଚ ବାଳ ମକୁନ୍ଦ ମେହେର, ସରୋଜ କୁମାର୍ ତ୍ରିପାଠୀ, ପିଇଓ ପ୍ରାଣବନ୍ଧୁ ପ୍ରଧାନ, ବ୍ଲକ ସହକାରୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ସିଂ ଉପସ୍ଥିତ ଥିଲେ।

## ଅଙ୍ଗନଦୀରେ ହେବ ବ୍ରିଜ୍: ପରିଦର୍ଶନ କଲେ ମୁଖ୍ୟଯନ୍ତ୍ରୀ

**ପଦ୍ମପୁର,୨୮।୧୧(ଡି.ଏନ.ଏ)**


ମୁଖ୍ୟଯନ୍ତ୍ରୀ ପୋଲ ନିର୍ମାଣ ସ୍ଥଳ ପରିଦର୍ଶନ କରୁଛନ୍ତି।

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ବିଛିନ୍ନାଞ୍ଚଳ ଭାବେ ଜଣାଶୁଣା ଚର୍ଦ୍ଧାପାଲି ଗ୍ରାମ ପଞ୍ଚାୟତର ଦୁଃଖ ଦୂର ହେବ। ଅଙ୍ଗନଦୀରେ ପୋଲ ନିର୍ମାଣ ହେବ। ଏଥିପାଇଁ ରବିବାର ମୁଖ୍ୟଯନ୍ତ୍ରୀ ପ୍ରଦୀପ ସାମଲ ପୋଲ ନିର୍ମାଣସ୍ଥଳ ପରିଦର୍ଶନ କରିଛନ୍ତି। ସେହିପରି ଲଖମରା ଚର୍ଦ୍ଧାପାଲି ମଝିରେ ପ୍ରସ୍ତାବିତ ପୋଲ ନିର୍ମାଣ ପାଇଁ ମୃତ୍ତିକା ପରୀକ୍ଷଣ କାମ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଅଙ୍ଗନଦୀରେ ପୋଲ ନ ଥିବାରୁ ଚର୍ଦ୍ଧାପାଲି ଅଞ୍ଚଳବାସୀ ଅତି ଦୟନୀୟ ଜୀବନଯାପନ କରୁଥିଲେ। ପୋଲ ପାଇଁ ୨୦୧୪ ମସିହାରୁ ଧାରାବାହିକ ଭାବେ ଅନଶନ, ଧାରଣା, ରାସ୍ତାରୋକୋ କରାଯାଇଥିଲା। ଶେଷରେ ସରକାର ଜନସାଧାରଣଙ୍କ ସମସ୍ୟାକୁ ଉପଲବ୍ଧି କରି ପୋଲ ନିର୍ମାଣ ପାଇଁ ପଥ ପରିଷ୍କାର କରିଛନ୍ତି।

## କାନପୁର କ୍ରିକେଟ କପ୍: ସେମିରେ ଭାଲିଆପଦର

**ଅମରପାଲି,୨୮।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କାନପୁରଠାରେ ପ୍ରଥମ କାନପୁର କ୍ରିକେଟ କପ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଛାତ୍ର ବିଜେଡି ଉପସଭାପତି ଶୈଳରଞ୍ଜନ ବାଦୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଷଣ୍ଢା ଦଳ ଓ ନୂଆଗଡ ଦଳ ମୁହାଁମୁହିଁ ହୋଇଥିଲେ। ଷଣ୍ଢା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯୭ରନ ସଂଗ୍ରହ କରିଥିଲା। ଜବାବରେ ନୂଆଗଡ ନିର୍ଦ୍ଧାରିତ ଓଭରରେ ୬୬ରନ କର ପରାଜିତ ହୋଇଥିଲା। ଦିନର ଦ୍ୱିତୀୟ ମ୍ୟାଚ ଭଲିଆପଦର ଓ ଗୁଞ୍ଜିପାଲି ମଧ୍ୟରେ ହୋଇଥିଲା। ଗୁଞ୍ଜିପାଲି ନିର୍ଦ୍ଧାରିତ ୧୦ଓଭରରେ ୧୦୦ରନ କରିଥିଲା। ଜବାବରେ ଭଲିଆପଦର ୭ ଓଭରରେ ୧୦୪ ରନ କରି ବିଜୟୀ ହୋଇଥିଲା।

## ମନ୍ଦିର, ସ୍କୁଲର ଉନ୍ନତି ପାଇଁ ୩.୪୦ଲକ୍ଷ ଟଙ୍କା ପ୍ରଦାନ

**କୁନାଗଡ,୨୮।୧୧(ଡି.ଏନ୍.ଏ)**

କୁନାଗଡ ବ୍ଲକ ହାବସପୁର ଗ୍ରାମର ଅବସରପ୍ରାପ୍ତ ଡାକ୍ତର ଭାଗିରଥି ଯୋଷୀ ନିଜ ଗାଁର ଉନ୍ନତି ପାଇଁ ଏବେ ଅଣ୍ଟାଭିଡିଛନ୍ତି। ଗାଁରେ ଥିବା ଜଗନ୍ନାଥ ମନ୍ଦିର ଉନ୍ନତିକରଣ ପାଇଁ ଦେଢ ଲକ୍ଷ ଓ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ ଉନ୍ନତି କରଣ ପାଇଁ ଦେଢଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ମୋ ସ୍କୁଲ ଅଭିଯାନରେ ୪୦ ହଜାର ଟଙ୍କାର ସହାୟତା କରିଛନ୍ତି। ସମୁଦାୟ ସେ ୩ ଲକ୍ଷ ୪୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଆଗକୁ ଗାଁର ଉନ୍ନତି ପାଇଁ ଉଦ୍ୟମ ଜାରି ରହିବ ବୋଲି ଡାକ୍ତର ଯୋଷୀ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଡାକ୍ତର ଯୋଷୀ ରାଉରକେଲାରେ ରହୁଥିଲେ ମଧ୍ୟ ନିଜ ଗାଁକୁ ଭୁଲି ନ ଯାଇ ଗାଁର ଉନ୍ନତିକରଣ କିପରି ହେବ ସେ ନେଇ ବିଭିନ୍ନ ସମୟରେ ପ୍ରୟାସ ଜାରି ରଖିଛନ୍ତି। ତାଙ୍କର ଏପରି ବଦାନ୍ୟତା ପାଇଁ ଗ୍ରାମବାସୀ ତାଙ୍କୁ ସାଧୁବାଦ ଜଣାଇଛନ୍ତି।

## ବିଏସ୍‌କେୱାଇ ସ୍ମାର୍ଟକାର୍ଡ ବାଣ୍ଟିଲେ ମନ୍ତ୍ରୀ

**ବିନିକା,୨୮।୧୧(ଡି.ଏନ୍.ଏ.)**


ମନ୍ତ୍ରୀ ପଦ୍ମନାଭ ବେହେରା ଜଣେ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ବିନିକା ଏନ୍ଏସିରେ ରବିବାରଠାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ(ବିଏସ୍‌କେୱାଇ) ସ୍ମାର୍ଟକାର୍ଡ ବିତରଣ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ବିନିକା ଏନ୍ଏସି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ସମ୍ମାନୀତ ଅତିଥିଭାବେ ବିନିକା ବିଡିଓ ବ୍ୟାସଦେବ ବେହେରା, ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ ଓ ବିନିକା ଏନ୍ଏସି ନିର୍ବାହୀ ଅଧିକାରୀ ଶ୍ରୀକୁମାର ରଥ ଯୋଗ ଦେଇଥିଲେ।

## ପ୍ଲାଟିନମ ଜୁବିଲି ପ୍ରସ୍ତୁତି ବୈଠକ

**ପଦ୍ମପୁର ୨୮।୧୧(ଡିଏନଏ)**

ବରଗଡ଼ ଜିଲା ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ପାଇଁ ପ୍ରସ୍ତୁତି ଚାଲିଛି। ଏ ନେଇ କମିଟି ଉପ ସଭାପତି ମନୋରଞ୍ଜନ ସିଂ ବରିହାଙ୍କ ଅଧ୍ୟକ୍ଷତାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଛି। କମିଟିର ସମ୍ପାଦକ ଡ. ବିରଞ୍ଚି ସାହୁ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ ପ୍ରଦୀପ ସାମଲ, ଅବସରପ୍ରାପ୍ତ ଶିକ୍ଷକ ରାମ ନାରାୟଣ ପାଣିଗ୍ରାହୀ, ସହ ସମ୍ପାଦକ ଗୋବିନ୍ଦ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସଦାନନ୍ଦ ପୁରୋହିତ, ଡ. ପ୍ରମୋଦ ପାଢୀ, ହଳଧର ସାହୁ, ଶ୍ୟାମାପଦ ସିହ୍ନା, କହ୍ନେଇ ଦୋରା, ଶ୍ୟାମ ସାହୁ, ପ୍ରଧାନ ଶିକ୍ଷକ ଧର୍ମକୁମାର ଶତପଥି ଯୋଗ ଦେଇଥିଲେ।

## ଜିଲା କଂଗ୍ରେସର ଜନଜାଗରଣ ଅଭିଯାନ

**ବୌଦ୍ଧ,୨୮।୧୧(ସ୍ୱ.ପ୍ର.)**

ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ନଭେମ୍ବର ୨୧ରୁ ଜନଜାଗରଣ ଅଭିଯାନ ଆରମ୍ଭ ହୋଇଛି। ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମ ଅଷ୍ଟମ ଦିନରେ ବୌଦ୍ଧ ବ୍ଲକ ଗିରାସିଙ୍ଗା ଶ୍ରୀଜଗନ୍ନାଥ ବନ ପ୍ରକଳ୍ପଠାରେ ଅନୁଷ୍ଠିତ ହୋଇଥିଲା। ମମିତା ମେହେରଙ୍କୁ ନ୍ୟାୟ ପ୍ରଦାନ, ଭୂମିହୀନଙ୍କୁ ଭୂମି ଓ ଘର ପ୍ରଦାନ, ଚାଷୀଙ୍କ ଧାନ ଉଚିତ ମୂଲ୍ୟରେ କିଣାଯିବା, ଦରଦାମ ବୃଦ୍ଧି ଉପରେ ନିୟନ୍ତ୍ରଣ ଏହି ଜନଜାଗରଣ ଯାତ୍ରାର ମୂଳ ଉଦ୍ଦେଶ୍ୟ ବୋଲି ସଭାପତି ମିଶ୍ର ପ୍ରକାଶ କରିଥିଲେ। ସେହିପରି କନ୍ଧମାଳକୁ ଉପଖଣ୍ଡ ମାନ୍ୟତା, ମନମୁଣ୍ଡା, କନ୍ଧମାଳ, ମନମୁଣ୍ଡା, ବାଉଁଶୁଣୀ ଓ ପୁରୁଣାକଟକକୁ ଏନ୍ଏସି ମାନ୍ୟତା ଓ ବୌଦ୍ଧକୁ ପୌର ପରିଷଦ ମାନ୍ୟତା ପ୍ରଦାନ ପାଇଁ ଜାଗରଣ ଜରୁରୀ ବୋଲି କୁହାଯାଇଛି। ଜନଜାଗରଣ ଯାତ୍ରାରେ ନାରାୟଣ ପ୍ରସାଦ ପରିଜା, ସଦାନନ୍ଦ ପ୍ରଧାନ, ଭଗବାନ ପଟ୍ଟନାୟକ, ଧିରେନ୍ଦ୍ର ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।

# ସୂର୍ଯ୍ୟ ଉପାସନାର ସାମାଜିକ ବାର୍ତ୍ତା

**ଡ. ସୁରେନ୍ଦ୍ର କୁମାର ମିଶ୍ର**

## କୋଣାଦିତ୍ୟରେ ଜଗତମଙ୍ଗଳ କାମନାର ଉପାସନା




ଉତ୍ସବକୁ ଐତିହ୍ୟରେ କିପରି ପରିଣତ କରିଥିଲା ଓଡ଼ିଆ ଜାତି ଗୋଟିଏ ଗଣପର୍ବରୁ ତାହା ବିଚାର କଲେ। ସୂର୍ଯ୍ୟଙ୍କ ଉପାସନାର ଶାସ୍ତ୍ରୀୟ ରହସ୍ୟ କିପରି କୋଣାଦିତ୍ୟରେ ପ୍ରଚଳିତ ଥିଲା ତାହା ବି ଅନୁଶୀଳନ କରିବା କଥା। ଅର୍କକ୍ଷେତ୍ରରେ ଉପରଠାଉରିଆ ଉତ୍ସବ କି ଉପାସନା ହେଉ ନ ଥିଲା। ତାହା ମନୋବିଜ୍ଞାନ ଏବଂ ସମାଜବିଜ୍ଞାନ ସମ୍ମତ।

ସନାତନ ପରମ୍ପରାରେ ସୂର୍ଯ୍ୟ ହେଉଛନ୍ତି ପୃଥିବୀର ଚକ୍ଷୁ। ବେଦର ରହସ୍ୟ ଅନୁଯାୟୀ ସେ ଦେହ ଭିତରେ ଅଛନ୍ତି ; ବାହାରେ ବି। ଜଗତ ପାଇଁ ସେ ଶକ୍ତି ବିକିରଣ କରନ୍ତି। ଆଉ ଶରୀର ପାଇଁ! ଶରୀରରେ ଦିବ୍ୟଚେତନାକୁ ପ୍ରକାଶ କରାନ୍ତି। ଋଷି ପରମ୍ପରାରେ ଏଥିପାଇଁ ଜ୍ଞାନର ଶକ୍ତି ଗାୟତ୍ରୀଙ୍କୁ ମାଧ୍ୟମ କରାଯାଏ। ତେଣୁ କୁହାଯାଇଛି ସୂର୍ଯ୍ୟମଣ୍ଡଳର ଶକ୍ତି ହେଉଛନ୍ତି ଗାୟତ୍ରୀ। ଶକ୍ତିର ସ୍ରୋତ ଭାବରେ ଗାୟତ୍ରୀଙ୍କୁ ଉପାସନା କରାଯାଏ। ଦିବ୍ୟତା ତାଙ୍କରି ଦ୍ୱାରା ପ୍ରକାଶିତ ହୁଏ।

ସକାଳେ ସେ ବ୍ରହ୍ମା। ସୃଷ୍ଟି କାର୍ଯ୍ୟ କରନ୍ତି। ସେଥିପାଇଁ କୁହାଯାଏ ବ୍ରହ୍ମଶକ୍ତି ଗାୟତ୍ରୀ। ମଧ୍ୟାହ୍ନରେ ସେ ଦେବଦେବ ମହାଦେବ ହୁଅନ୍ତି। ଜଗତ ଗ୍ରହଣ


ସୂର୍ଯ୍ୟାସ୍ତ ସମୟ। ବିଷ୍ଣୁ ରୂପରେ ଶ୍ରୀସୂର୍ଯ୍ୟନାରାୟଣ। *ଫଟୋ: ଯଜ୍ଞେଶ୍ୱର ମହାନ୍ତି, ପୁରୀ*

କରିଥିବା ସୂର୍ଯ୍ୟଙ୍କ ତାପକୁ ଦ୍ରବୀଭୂତ କରନ୍ତି। ମହାକାଳଙ୍କର ଅନ୍ୟତମ ଶକ୍ତି। ସନ୍ଧ୍ୟାରେ ସେ ବିଷ୍ଣୁ ରୂପରେ ପ୍ରକାଶ ହୁଅନ୍ତି। ସମୟ ଅନୁଯାୟୀ ସୂର୍ଯ୍ୟଶକ୍ତି ଚଳଚଞ୍ଚଳ କରାନ୍ତି ପୃଥିବୀକୁ। କେବଳ ସେତିକି ନୁହେଁ 'ତ୍ରିକାଳ ମହାମାୟା ଅର୍ଚ୍ଚନାବିଧି'ରେ କୁହାଯାଇଛି ପୃଥିବୀରେ ସମସ୍ତ ତ୍ରୁଟି ଓ ଦୋଷକୁ ସେ ଅପସାରଣ କରନ୍ତି।

'ତ୍ରିକାଳ ମହାମାୟା ଅର୍ଚ୍ଚନା ବିଧି' ପୋଥି ଅନୁସାରେ ଆମର ଅର୍କତୀର୍ଥରେ ଉପାସନା ହେଉଥିଲା। ଏଥିରେ ଜଗତମଙ୍ଗଳ କାମନା ମୂଳ ରହସ୍ୟ। କାହିଁକି ନା ବ୍ରହ୍ମବିଦ୍ୟାର ଯେ ହେଉ ସାରତତ୍ତ୍ୱ। ଆମର ପୂର୍ବପୁରୁଷମାନେ ବୁଝିଥିଲେ ଅନ୍ତରୀକ୍ଷରେ ସୂର୍ଯ୍ୟ ଗତି କଲାବେଳେ 'କିରଣ' ମାଧ୍ୟମରେ 'ତାପ' ଦେଇଥାନ୍ତି। ତା'ପରେ ଶକ୍ତି ଭରି ଦିଅନ୍ତି ଗାୟତ୍ରୀ। ସେଇ ତାପ ଆମକୁ ଶକ୍ତିମୟ କରିଥାଏ। ସୂର୍ଯ୍ୟ ରଥରେ ଗତି କଲେ ଶରୀର ରୂପକ ରଥରେ ବର୍ଣ୍ଣମାତୃକା ଗତିଶୀଳ ହୁଅନ୍ତି। ଯାକୁ ସବୁ ଆମ ପଣ୍ଡିତେ ବୁଝିଥିଲେ। ତାକୁ ଉପାସନା ମାଧ୍ୟମରେ ଲୋକ–ସ୍ତରରେ ପ୍ରଚଳନ କରିଥିଲେ। ବ୍ଲାକ୍‌ପାଗୋଡ଼ା କହୁଥିବା ଏବଂ ମିଥୁନ ମୂର୍ତ୍ତିରେ ଅଟକି ରହିଥିବା ବାହାରିଆ ପଣ୍ଡିତମାନେ ରହସ୍ୟ ଭେଦ ନ କରି ଯା' ଇଚ୍ଛା ତା' ଲେଖିଦେଇ ଗଲେ। ନା ବୁଝିଥିଲେ ତୀର୍ଥର ସାମାଜିକ ତତ୍ତ୍ୱ ନା ବୁଝିଥିଲେ ଉପାସନାର ଜଗତମଙ୍ଗଳ କାମନା!

ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ୧୬ଟି ତାଳବରଢ଼ା ପତ୍ରରେ ଲେଖାସରିଥିଲା ଗାୟତ୍ରୀଙ୍କ ରହସ୍ୟ। ମହାଗାୟତ୍ରୀ ମନ୍ଦିର ଶୈଳୀ ପ୍ରଥମେ ଏହି ଓଡ଼ିଆ ଅକ୍ଷର ପୋଥିରୁ ମିଳେ। ଭାଷା ସଂସ୍କୃତ ଓ ଲିପି ଓଡ଼ିଆରେ ଅଙ୍କା ହୋଇଥିଲା ଗାୟତ୍ରୀ ଯନ୍ତ୍ର। ସେ ଯନ୍ତ୍ର ଅଷ୍ଟଦଳ ପଦ୍ମର। ପ୍ରତ୍ୟେକ ଦଳରେ ଗୋଟିଏ ଗୋଟିଏ ଶକ୍ତି ସଂପୁଟ ହୋଇଛନ୍ତି। ଗାୟତ୍ରୀଙ୍କ ମନ୍ତ୍ର ତଥା ଧ୍ୟାନର ପ୍ରଭାବ କ'ଣ ଓ କେତେ! ସବୁ ଲେଖିସାରିଥିଲେ ଓଡ଼ିଆ ପଣ୍ଡିତେ। ପୁରୀର ବାସୁଦେବ ରଥେ ପ୍ରଥମେ ଏଇ ପୋଥିକୁ କୁଜଙ୍ଗର ଜଗନ୍ନାଥ ତ୍ରିପାଠୀଙ୍କଠାରୁ ସଂଗ୍ରହ କଲାପରେ ଲୋକଲୋଚନକୁ ଆସିଥିଲା।

କୋଣାଦିତ୍ୟରେ ସୂର୍ଯ୍ୟ ଉପାସନା କୌଣସି ଖିଆଲରେ ଓଡ଼ିଆ ବିକଶିତ କରି ନ ଥିଲେ। ଓଡ଼ିଶାର ଗଜପତି ମନର ଓରମାନ ମେଣ୍ଟେଇବାକୁ ସଉକରେ ଶାସ୍ତ୍ରୀୟ ଭିତ୍ତିଭୂମି ଉପରେ ମାନଶାଳା ସଦୃଶ ମନ୍ଦିରଟିଏ ଗଢ଼େଇ ନ ଥିଲେ। ଅକଥନୀୟ ଅତ୍ୟାଚାର କରି ନ ଥିଲେ ଓଡ଼ିଆ ଶିଳ୍ପୀଙ୍କ ଉପରେ। ସବୁ ସହମତିରେ ସହଯୋଗରେ ତଥା ସହାନୁଭୂତିରେ ସାକାର ହୋଇଥିଲା। ବିଶ୍ୱ ମଙ୍ଗଳ କାମନା ରହିଥିଲା ଏହାର ପଛଭାଗରେ। ଜଗତର ହିତ ପାଇଁ ଗାୟତ୍ରୀଶକ୍ତିଯୁକ୍ତ ସୂର୍ଯ୍ୟ ଉପାସନା ଆରମ୍ଭ ହୋଇଥିଲା ଖ୍ରୀଷ୍ଟପୂର୍ବରୁ। ରହସ୍ୟକୁ ଭେଦ କଲେନି ଯେଉଁମାନେ ସେମାନେ ଆମକୁ, ଆମ ଶିଳ୍ପୀଙ୍କୁ, ଆମ ପରମ୍ପରାକୁ ଟାହିଟାପରା କଲାପରି ମାନସିକତାରେ ପ୍ରସ୍ତୁତ ହେଲେ। ଲେଖିଲେ ମଧ୍ୟ। ଆମ ମନରେ ହୀନମନ୍ୟତା ସୃଷ୍ଟି କରିବାକୁ ସେଗୁଡ଼ିକ ସହାୟକ ହେଲା!!